୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.182 Bhubaneswar Sunday August 25 2024 | ୨୬ତମ ବର୍ଷ ସଂଖ୍ୟା–୧୮୨ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## କେନ୍ଦ୍ର ସରକାରଙ୍କ ନୂଆ ପେନସନ ଯୋଜନା, ମିଳିବ ଏହି ସବୁ ସୁବିଧା




ଭୁବନେଶ୍ୱର,୨୪।୮(ପି.ଏନ): କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଆଜି ସରକାରୀ କର୍ମଚାରୀଙ୍କ ପାଇଁ ବଡ ଘୋଷଣା କରିଛନ୍ତି। ସରକାରୀ କର୍ମଚାରୀଙ୍କ ପାଇଁ ଆସିଛି ନୂଆ ପେନସନ ସ୍କିମ୍। ୟୁନିଫାଏଡ୍ ପେନସନ ସ୍କିମ୍ (ୟୁପିଏସ୍) ଉପରେ ଆଜି କେନ୍ଦ୍ର କ୍ୟାବିନେଟର ମୋହର ବାଜିଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୟୁପିଏସ୍ ?କୁ ମଞ୍ଜୁର ଦେଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏହି ନୂଆ ଯୋଜନା ଦ୍ୱାରା ୨୩ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଉପକୃତ ହେବେ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯେଉଁମାନେ ୨୦୦୪ରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଅବସର ନେଇଛନ୍ତି ବା ନେବେ, ସେମାନେ ମଧ୍ୟ ଏହି ପେନସନ ଯୋଜନାର ଲାଭ ପାଇପାରିବେ। ଏହା ବ୍ୟତୀତ ସେମାନେ ସୁଧ ସହିତ ବକେୟା ଅର୍ଥ ମଧ୍ୟ ପାଇବେ।

### ନୀତୀଶ କୁମାରଙ୍କ ମାଷ୍ଟର ଷ୍ଟ୍ରୋକ୍: ୧୮୫ ନେତା ହେଲେ 'ବେକାର'

ପାଟନା,୨୪।୮(ପି.ଏନ): ବିହାର ରାଜନୀତିରୁ ବଡ ଖବର ଆସିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ମାଷ୍ଟର ଷ୍ଟ୍ରୋକ୍ ଖେଳିଛନ୍ତି। ଜେଡିୟୁ ଏହାର ରାଜ୍ୟ କମିଟିରେ ଏକ ବଡ଼ ପରିବର୍ତ୍ତନ ଆଣି ଶନିବାର ଏକ ନୂତନ କମିଟି ଘୋଷଣା କରିଛି।ପ୍ରାୟ ୧୫ ମାସ ପୂର୍ବ? ୨୬୦ ସଦସ୍ୟଙ୍କ ସହ ଦଳ ଏକ ବଡ କମିଟି ଗଠନ କରିଥିଲା, ଯାହା ବର୍ତ୍ତମାନ ବିଲୋପ ହୋଇ ଏକ ଛୋଟ କମିଟି ଗଠନ କରାଯାଇଛି। ଏହି ନୂତନ କମିଟିରେ ୧୦ଜଣ ଉପସଭାପତି, ୪୯ ଜଣ ମହାସଚିବ, ୪୬ ଜଣ ସଚିବ, ୯ ଜଣ ମୁଖପାତ୍ର ଏବଂ ଜଣେ କୋଷାଧ୍ୟକ୍ଷ ଅଛନ୍ତି। ଦଳ ୧୮୫ ନେତାଙ୍କୁ ହଟାଇ ବାହାର ବାଟ ଦେଖାଇଛି।ଶନିବାର ସକାଳେ ଜେଡିୟୁ ଏହାର ପୁରୁଣା କମିଟି ବିଲୋପ ଘୋଷଣା କରିଥିଲା। ନେତାମାନଙ୍କୁ ରାଜନେ?ତିକ ପରାମର୍ଶ ଦେବା ପାଇଁ ଗଠିତ ଉପଦେଷ୍ଟା କମିଟି ମଧ୍ୟ ବିଲୋପ କରାଯାଇଥିଲା। କିଛି ଘଣ୍ଟା ପରେ ଏକ ନୂତନ କମିଟି ଘୋଷଣା କରାଯାଇଥିଲା ଯେଉଁଥିରେ ପୁରୁଣା ଚେହେରା ବଦଳରେ ନୂଆ ଚେହେରାକୁ ସୁଯୋଗ ଦିଆଯାଇଛି। ୨୩ ମାର୍ଚ୍ଚ ୨୦୨୩ରେ, ଜେଡିୟୁ ୨୫୧ ସଦସ୍ୟଙ୍କୁ ନେଇ ଏକ ରାଜ୍ୟ କମିଟି ଗଠନ କରିଥିଲା। ସେଥିରେ ୨୦ ଜଣ ଉପସଭାପତି, ୧୦୫ ମହାସଚିବ, ୧୧୪ ସଚିବ ଏବଂ ୧୧ ମୁଖପାତ୍ର ସାମିଲ ହୋଇଥିଲେ। ପରେ ମୋଟ ସଂଖ୍ୟା ୨୬୦କୁ ନେଇ ଆଉ କିଛି ଅଧିକାରୀ ଯୋଗ କରାଯାଇଥିଲା। ସାଧାରଣତଃ ରାଜ୍ୟ କମିଟିର କାର୍ଯ୍ୟକାଳ ତିନି ବର୍ଷ ରହିଥାଏ। କିନ୍ତୁ ୧୫ ମାସ ପରେ ଏହାକୁ ବିଲୋପ କରାଯାଇଛି।ନୂତନ କମିଟିରେ କହୁ ପୁରୁଣା ଚେହେରାଙ୍କୁ ବାହାର କରାଯାଇଛି। ପୂର୍ବତନ ମନ୍ତ୍ରୀ ରଞ୍ଜୁ ଗୀତା, ଲକ୍ଷ୍ମଶ୍ୱର ରାୟ, ଜୟ କୁମାର ସିଂ, ଖୁରସିଦ ଛଦ୍ମନାମ ଫିରୋଜ ଆଲାମ, ବିରେନ୍ଦ୍ର ପ୍ରସାଦ ସିଂ, ଶ୍ୟାମ ବିହାରୀ ପ୍ରସାଦ, ପୂର୍ବତନ ବିଧାୟକ ଅଶୋକ କୁମାର, ମୁଜାହିଦ୍ ଆଲାମ, ଲଖନ ଠାକୁରଙ୍କ ସମେତ ୨୦ଜଣ ନେତାଙ୍କୁ ଉପସଭାପତି ପଦରୁ ହଟାଇ ଦିଆଯାଇଛି।

## ମାଗଣାରେ ୧୨ଟି ସିଲିଣ୍ଡର ସହ ୨୦୦ ୟୁନିଟ ବିଦ୍ୟୁତ ଯୋଗାଇଦେବାକୁ ଘୋଷଣା କଲେ ମୁଫତି

ଶ୍ରୀନଗର,୨୪।୮(ପି.ଏନ): ଜମ୍ମୁକଶ୍ମୀରରେ ନିର୍ବାଚନକୁ ନେଇ ପିଡିପି ମୁଖ୍ୟ ମେହବୁବା ମୁଫତି ଶନିବାର ଦିନ ତାଙ୍କ ପାର୍ଟିର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ବିଲ୍, ସିଲିଣ୍ଡର ଏବଂ ପେନ୍ସନ୍ ସମ୍ବନ୍ଧରେ ମେହବୁବା ବଡ ପ୍ରତିଶ୍ରୁତି ଦେଇଛନ୍ତି। ପିଡିପିର ଇସ୍ତାହାରରେ ଦର୍ଶାଯାଇଛି ଯେ ଯଦି ଏହାର ସରକାର ଗଠନ ହୁଏ ତେବେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏହା ବ୍ୟତୀତ ପୁରୁଣା ବିଲ୍ ଗୁଡିକର ଥରେ ସମାଧାନ କରାଯିବ । ପେନ୍ସନ୍‌କୁ ଦ୍ୱିଗୁଣିତ କରିବା ସହିତ ଅନେକ ପ୍ରତିଶ୍ରୁତି ଦିଆଯାଇଛି। ଏହା ପ୍ରକାଶ କରି ପିଡିପି ମୁଖ୍ୟ ମେହବୁବା ମୁଫତି କହିଛନ୍ତି, 'ଆମେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇବୁ, ଜଳ ଉପରେ ଟିକସ ରଦ୍ଦ କରିବାକୁ ଚାହୁଁଛୁ, ପାଣି ପାଇଁ ମିଟର ରହିବା ଉଚିତ୍ ନୁହେଁ। ଗରିବ ଲୋକଙ୍କ ପାଇଁ ଆମେ ମୁଫତି ମହମ୍ମଦ ସୟିଦ ଯୋଜନାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଚାହୁଁଛୁ ।କାରଣ ସେମାନେ ଗ୍ରହଣ କରୁଥିବା ଚାଉଳ ଏବଂ ରାସନ ପର୍ଯ୍ୟାପ୍ତ ନୁହେଁ, ତେଣୁ ଆମେ ଗରିବ ଲୋକଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଦେବୁ। ସେହିପରି ବୃଦ୍ଧାବସ୍ଥା ପେନସନ ଓ ବିଧବା ପେନସନକୁ ଦୁଇ ଗୁଣ କରିବୁ । ମେହବୁବା କହିଛନ୍ତି ଯେ ମନ୍ଦିର ଏବଂ ଗୁରୁଦ୍ୱାରମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇଦିଆଯିବ ।କାଶ୍ମୀର ପଣ୍ଡିତମାନଙ୍କୁ ସମ୍ମାନର ସହିତ ଫେରାଇ ଆଣିବା ପାଇଁ ଯାହା କରିବାକୁ ହେବ ତାହା କରିବେ । ମିଳିତ ମେଣ୍ଟର ପ୍ରଶ୍ନ ଉପରେ ମେହବୁବା ମୁଫତି କହିଛନ୍ତି, ଯଦି ନ୍ୟାସନାଲ କନ୍ଫରେନ୍ସ ଏବଂ କଂଗ୍ରେସ ଆମର ଏଜେଣ୍ଡା ଗ୍ରହଣ କରିବାକୁ ପ୍ରସ୍ତୁତ, ତେବେ ଆମେ କହିବୁ ଯେ ସେମାନେ ସମସ୍ତ ଆସନରେ ନିର୍ବାଚନ ଲଢ଼ିବା ଉଚିତ, ଆମେ ସେମାନଙ୍କ ପଛରେ ରହିବୁ । କାରଣ ମୋ ପାଇଁ କାଶ୍ମୀର ସମସ୍ୟାର ସମାଧାନ ଅନ୍ୟ କୌଣସି ଜିନିଷ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ।ମେହବୁବା କହିଛନ୍ତି ଯେ ଯେତେବେଳେ ଆମେ ବିଜେପି ସହିତ ଏକ ମେଣ୍ଟ କରିଥିଲୁ, ସେତେବେଳେ ଆମର ଏକ ଏଜେଣ୍ଡା ଥିଲା ଯେଉଁଥିରେ ସେମାନେ ସହମତ ହୋଇଥିଲେ । କିନ୍ତୁ ନ୍ୟାସନାଲ କନ୍ଫରେନ୍ସ ଏବଂ କଂଗ୍ରେସ ମଧ୍ୟରେ କୌଣସି ଏଜେଣ୍ଡା ନାହିଁ, ଦୁଇ ଦଳ କେବଳ ସିଟ୍ ହିଁ ବାଣ୍ଟୁଛନ୍ତି । ମେଣ୍ଟ ଏଜେଣ୍ଡା ଉପରେ ରହିବା ଉଚିତ ଏବଂ ଆମର ଏଜେଣ୍ଡା ହେଉଛି ଜାମ୍ମୁ କାଶ୍ମୀରର ସମସ୍ୟାର ସମାଧାନ।

## ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ଦେବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୨୪।୮(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ୧୧ ଲକ୍ଷ ନୂଆ 'ଲକ୍ଷପତି ଦିଦି'ଙ୍କୁ ପ୍ରମାଣପତ୍ର ବାଣ୍ଟିବା ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରିବେ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ତୃତୀୟ ପାଳିରେ ଏହି ୧୧ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇଛନ୍ତି।ନୂଆ ୧୧ ଲକ୍ଷ 'ଲକ୍ଷପତି ଦିଦି'ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଜାଲଗାଁଓରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରମାଣପତ୍ର ଦେବା ସହିତ ସମ୍ବର୍ଦ୍ଧିତ କରିବେ। ଏହା ସହିତ ପ୍ରଧାନମନ୍ତ୍ରୀ ସାରା ଦେଶର ଲକ୍ଷପତି ଦିଦିଙ୍କ ସହିତ ଭାବବିନିମୟ କରିବେ।ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସ୍ୱୟଂ ସହାୟତା ଗୋଷ୍ଠୀ (SHG)ଗୁଡିକ ପାଇଁ ୨୫୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିବେ। ଏହା ଦ୍ୱାରା ୪.୩ ଲକ୍ଷ ଏସ୍‌ଏଚ୍‌ଜିର ୪୮ ଲକ୍ଷ ସଦସ୍ୟ ଉପକୃତ ହେବେ।

## ରାଜ୍ୟ ସରକାରଙ୍କୁ ଭୃଗୁଙ୍କ ଟାର୍ଗେଟ

ଭୁବନେଶ୍ୱର,୨୪।୮(ପି.ଏନ): ଚିକିଟି ମଦମୃତ୍ୟୁ ପରେ ବି ଲାଗୁଛି ସରକାରଙ୍କ ଚେତା ପଶିନି । ରାଜ୍ୟରେ ଆଉ ୧୬ଟି ବିଶେଷକରି କୋରାପୁଟ ଜିଲ୍ଲାରେ ୮ ଦେଶୀ ମଦ ଭାଟି ଖୋଲିବା ଲାଗି ବିଜ୍ଞାପନ ଦେଇଛନ୍ତି । ଏସବୁ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର । ଗୋଟିଏ ପଟେ ଡ୍ୟାନ୍ସ ବାରକୁ ବାରଣ କରିଥିବା ବେଳେ ଅନ୍ୟପଟେ ରାଜ୍ୟରେ ୧୬ଟି ଦେଶୀ ମଦ ଭାଟି ଖୋଲିବାକୁ ବିଜ୍ଞାପନ ବାହାର କରିବା କଣ ସୂଚାଉଛି ବୋଲି ପ୍ରଶ୍ନ କରିଛନ୍ତି ଭୃଗୁ । ଖାଲି ସେତିକି ନୁହେଁ କୋରାପୁଟ ଭଳି ଆଦିବାସୀ ଗରିବ ଖଟିଖିଆ ବହୁଳ ଜିଲ୍ଲାରେ ୮ଟି ଦେଶୀ ମଦ ଭାଟି ଖୋଲିବା ଲାଗି ବିଜ୍ଞାପନ ଦେବା ଜିଲ୍ଲାବାସୀଙ୍କୁ ବିଚଳିତ କରିଛି । ବହୁ ଆଦିବାସୀ ଦେଶୀ ମଦ ପିଇ ସେମାନଙ୍କ ଜୀବନ ନଷ୍ଟ କରିବାକୁ ରାଜ୍ୟ ସରକାର ମସୁଧା ଚଳାଇଥିବା ଭୃଗୁ ଅଭିଯୋଗ ଆଣିଛନ୍ତି । ଚିକିଟି ମଦ ମୃତ୍ୟୁ ଘଟଣାରେ ରାଜ୍ୟର ଦୁଇ ଦୁଇ ଜଣ ମନ୍ତ୍ରୀ ଜେନାପୁରକୁ କାହିଁକି ଯାଇ ପାରୁନାହାନ୍ତି ? ଅଘଟଣର ଦୀର୍ଘ ଦିନ ପରେ ବିଧାୟକ ଯାଇ ହଟହଟା ହୋଇଛନ୍ତି । ଏହା ଦୁର୍ଭାଗ୍ୟର କଥା ବୋଲି କହିଛନ୍ତି ଭୃଗୁ । ସରକାରଙ୍କ ଅବକାରୀ ନୀତିରେ କିଛି ବି ସ୍ପଷ୍ଟତା ନାହିଁ । କିଏ କଣ କହୁଛନ୍ତି ତାର କିଛି ଠିକ ଠିକଣା ରହୁନି । ସେଥିପାଇଁ କୋରାପୁଟ ଜିଲ୍ଲାରେ ବାହାର କରିଥିବା ଦେଶୀ ମଦ ବିଜ୍ଞାପନକୁ ତୁରନ୍ତ ବାତିଲ୍ କରିବାକୁ ଦାବି କରିଛନ୍ତି ଭୃଗୁ ।

## ରଣକ୍ଷେତ୍ର ପାଲଟିଲା ସମାଜବାଦୀ ପାର୍ଟି ଅଫିସ, ପିଟାପିଟି ହେଲେ କର୍ମୀ

ମେରଠ,୨୪।୮(ପି.ଏନ) : ଉତ୍ତରପ୍ରଦେଶର ମେରଠରେ ଥିବା ସମାଜବାଦୀ ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ଆଜି ଏକ ଅଜବ ଦୃଶ୍ୟ ଦେଖାଯାଇଛି । ଜିଲ୍ଲା କାର୍ଯ୍ୟାଳୟଟିରେ ଆଜି ଦଳର କର୍ମୀମାନଙ୍କ ପାଇଁ ଏକ ରଣକ୍ଷେତ୍ର ପାଲଟିଥିଲା । ଦଳର କର୍ମୀମାନେ ପରସ୍ପର ମଧ୍ୟରେ ପିଟାପିଟି ହେଉଥିବା ଦେଖିବାକୁ ମିଳିଥିଲା । କର୍ମୀମାନେ ପରସ୍ପରକୁ ବିଧା ଗୋଇଠା ମାରୁଥିବା ଦେଖାଯାଇଥିଲା । ସୂଚନା ଅନୁସାରେ, ସମ୍ବିଧାନ ମାନ ସ୍ତମ୍ଭ ସ୍ଥାପନ ପାଇଁ ଶୁକ୍ରବାର ଦଳର ଜିଲ୍ଲା କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ଏସପି ବାବା ସାହେବ ବାହିନୀର ରାଷ୍ଟ୍ରୀୟ ସଭାପତି ମିଠି ଲାଲ ଭାରତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଭଲ ଚାଲିଥିଲା, କିନ୍ତୁ ହଠାତ୍ ଚିତ୍କାର ଶବ୍ଦ ଶୁଣିବାକୁ ମିଳିଥିଲା। କେହି କିଛି ବୁଝି ପାରିନଥିଲେ। ଏହାପରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ହଙ୍ଗାମା ଏତେ ବଢିଯାଇଥିଲା ଯେ କର୍ମୀମାନେ ଶତ୍ରୁ ଭଳି ପରସ୍ପର ଉପରେ ପିଟାପିଟି ଆରମ୍ଭ କରିଦେଇଥିଲେ । ସପା ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି, ଧକ୍କା ଓ ଗାଳିଗୁଲଜର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦଳର ବାବା ସାହେବ ବାହିନୀର ମହିପାଲ ପୂର୍ବତନ ମନ୍ତ୍ରୀ ମିଥି ଲାଲ ଭାରତୀଙ୍କୁ ମୁଖ୍ୟ ଅତିଥି ଭାବେ ସ୍ୱାଗତ କରିବାକୁ ଯାଉଥିଲେ। କିନ୍ତୁ ଦଳର ଆଉଜଣେ ନେତା ଦୀପକ ସିରୋହି ତାଙ୍କୁ ଏଥିପାଇଁ ଅଟକାଇବା ପରେ ବିବାଦ ଆରମ୍ଭ ହୋଇଥିଲା । କିନ୍ତୁ ଦୀପକ ସିରୋହି କହିଛନ୍ତି ଯେ ମୁଁ କେବଳ କହିଥିଲି ଯେ ଭିଡ଼ ଅଛି ଏବଂ ଏବେ ଯେଉଁମାନେ ସ୍ୱାଗତ କରୁଛନ୍ତି ସେମାନେ ଏହା ପରେ କରିବା ଉଚିତ୍।

## ସିବିଆଇ ରୁଜୁ କଲା ମାମଲା, ଗିରଫ ହେବେ ସନ୍ଦୀପ ଘୋଷ !






ଭୁବନେଶ୍ୱର,୨୪।୮(ପି.ଏନ): ଆର ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କ ଅଡୁଆ ବଢ଼ିଛି। ହସ୍ପିଟାଲର ସେମିନାର ରୁମରୁ ଟ୍ରେନି ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିବା ଦିନ ଠାରୁ ସନ୍ଦୀପ ବିବାଦରେ ରହିଛନ୍ତି। ସିବିଆଇ ତାଙ୍କୁ ମାରାଥନ ଜେରା କରିବାରେ ଲାଗିଛି।ଏବେ ସିବିଆଇ ତାଙ୍କ ନାଁରେ ଆର୍ଥିକ ଅନିୟମିତତା ମାମଲା ରୁଜୁ କରିଛି। ତାଙ୍କ କାର୍ଯ୍ୟକାଳ ସମୟରେ ହସ୍ପିଟାଲରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସିବିଆଇ ଜାଣିବାକୁ ପାଇଛି। ଏକଥା ଜଣାପଡିବା ପରେ ସିବିଆଇର ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ତାଙ୍କ ନାଁରେ ଏତଲା ଦାଏର କରାଯାଇଛି। ଏତଲା କପି ସିଜେଏମ୍ କୋର୍ଟରେ ସିବିଆଇ ଦାଖଲ କରିଛି। କୋର୍ଟରେ ସିବିଆଇ ଏତଲା ଦାଖଲ କରିଥିବାରୁ ସନ୍ଦୀପ ଘୋଷଙ୍କ ଗିରଫ ସମ୍ଭାବନା ବଢ଼ିଛି।ମେଡିକାଲ କଲେଜର ପୂର୍ବତନ ଡେପୁଟି ଅଧ୍ୟକ୍ଷ ଅଖତର ଅଲୀ ପ୍ରଥମେ ସନ୍ଦୀଙ୍କ ବିରୋଧରେ ଆର୍ଥିକ ଅନିୟମିତତାର ଅଭିଯୋଗ ଆଣିଥିଲେ। ଆର ଜି କର ମେଡିକାଲ କଲେଜରେ ସନ୍ଦୀପ ପ୍ରିନ୍ସିପାଲ ହେବା ଦିନ ଠାରୁ ନିଜର ମନମାନୀ କରିବା ସହ ଆର୍ଥିକ ହେରଫେର କରିଚାଲିଥିଲେ। ତେଣୁ ଏହାର ତଦନ୍ତ ଇଡି ଦ୍ୱାରା କରିବାକୁ ସେ ଦାବି କରିଥିଲେ। ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣା ସହ ସିବିଆଇ ସନ୍ଦୀପଙ୍କ ଆର୍ଥିକ ଦୁର୍ନୀତିର ମଧ୍ୟ ଖୋଳତାଡ କରୁଥିଲା। ଏବେ ତାଙ୍କ ନାଁରେ ମାମଲା ହୋଇଛି।

## ପ୍ରବଳ ବର୍ଷା ଯୋଗୁ କ୍ରାଶ ହୋଇଗଲା ହେଲିକପ୍ଟର



ଭୁବନେଶ୍ୱର,୨୪।୮(ପି.ଏନ): ପ୍ରବଳ ବର୍ଷ ଓ ପବନ ଯୋଗୁ ସୃଷ୍ଟି ହୋଇଥିବା ଖରାପ ପାଗରେ ଘଟିଛି ଅଘଟଣ। ଖରାପ ପାଗ ଯୋଗୁ ପୁନେରେ ଗୋଟିଏ ହେଲିକପ୍ଟର କ୍ରାଶ କରାଯାଇଛି। କ୍ୟାପ୍‌ଟେନଙ୍କୁ ମିଶାଇ ହେଲିକପ୍ଟରରେ ମୋଟ ୪ ଜଣ ଲୋକ ଥିଲେ।ଗୋଟିଏ ଜଙ୍ଗଲ ଭିତରେ ଏହା କ୍ରାଶ କରି ଛିନଛତ୍ର ହୋଇଯାଇଛି। ମିଳିଥିବା ପ୍ରାଥମିକ ସୂଚନାରେ କୁହାଯାଇଛି ଯେ ଇଡ ୧୩୯ ହେଲିକପ୍ଟରଟି ମୁମ୍ବାଇରୁ ଝୁହୁରୁ ଉଡାଣ ଭରିଥିଲା। ଏହା ହାଇଦ୍ରାବାଦ ଯାଉଥିଲା। କିନ୍ତୁ ଅଧା ବାଟରେ ଖରାପ ପାଗ ଯୋଗୁ ପୁନେର ପୌଦ ଅଞ୍ଚଳରେ ଏହା କ୍ରାଶ କରାଯାଇଛି।

## ଆଳୁ ସମସ୍ୟା ନେଇ ରାଜ୍ୟ ସରକାରକୁ ଘେରିଲା ବିଜେଡି



ଭୁବନେଶ୍ୱର,୨୪।୮(ପି.ଏନ): ଆଳୁ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। କହିଛନ୍ତି, ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି। ସରକାର ଆସିବାର ୩ ମାସ ଭିତରେ ଆଳୁ ସମସ୍ୟା ସମ୍ଭାଳି ପାରିଲେ ନାହିଁ। ଆଗକୁ କଣ କରିବେ ବୋଲି ପ୍ରଶ୍ନ କରିଛି ଦଳ। ଆସନ୍ତା ୫ ବର୍ଷ ମଧ୍ୟରେ ବାହାର ରାଜ୍ୟରୁ ଗୋଟିଏ ଟ୍ରିପ ଆଳୁ ନଆଣି ରାଜ୍ୟରେ ଆବଶ୍ୟକ ମୁତାବକ ଆଳୁ ଉତ୍ପାଦନ କରିପାରିଲେ ଜାଣିବୁ ବିଜେପି ଓଡ଼ିଆ ଅସ୍ମିତା ଧାରକ ଓ ବାହାକ। ୫ ବର୍ଷ ଧୈର୍ଯ୍ୟର ସହ ଅପେକ୍ଷା କରିବୁ ଯଦି ତୁମ ସରକାର ପାଞ୍ଚ ବର୍ଷ ଚାଲେ। ଗତ ୨୪ବର୍ଷ ଭିତରେ ନବୀନ ପଟ୍ଟନାୟକ ଚାଉଳ ଉତ୍ପାଦନରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିଥିଲେ। ଖାଦ୍ୟଶସ୍ୟ ଯେତେବେଳେ ୫୦ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହେଉଥିଲା ତାକୁ ୧୫୦ ଲକ୍ଷ ମେଟ୍ରିକଟନରେ ପହଞ୍ଚାଇଥିଲେ। ବହୁତ କ୍ଷେତ୍ରରେ ଆତ୍ମକୁ ଯାଇଛି ରାଜ୍ୟ। ଆଳୁ ଯେଉଁଠି ଅଧିକ ଉତ୍ପାଦନ ହେଉଛି ସେଠୁ ଆସି ରାଜ୍ୟରେ କେମିତି ବିକ୍ରି ବଟା ହେବ ସେ ଦିଗରେ ପଦକ୍ଷେପ ନିଅନ୍ତୁ। ଓଡ଼ିଶାରେ ଆଳୁ ଯେତିକି ଉତ୍ପାଦନ ହେଉଛି। ତାହା ବର୍ଷକୁ ପାଖାପାଖି ୭ରୁ ୮ ମାସ ଚାଲିବା ପାଇ ଯଥେଷ୍ଟ। ୪ରୁ ୫ ମାସ ବାହାର ରାଜ୍ୟରେ ଆମଦାନୀ ହୁଏ ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ଅରୁଣ ସାହୁ।

## ଅମିତ ଶାହଙ୍କ ବଡ ଘୋଷଣା: ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ ହେବ ଭାରତ



ଭୁବନେଶ୍ୱର,୨୪।୮(ପି.ଏନ): ନକ୍ସଲଙ୍କ ବିରୋଧରେ ଆର୍‌ପାର୍ ଲଢେଇ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସଜବାଜ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶ ନକ୍ସଲ ମୁକ୍ତ ହେବ ବୋଲି ଆଜି ସେ ଟାର୍ଗେଟ ସେମଟ କରିଛନ୍ତି। ତାଙ୍କ କହିବା କଥା ଯେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ନକ୍ସଲବାଦ ସବୁଠୁ ବଡ ବିପଦ। ତେଣୁ ସେମାନଙ୍କ ମୂଳପୋଛ ହେବା ଜରୁରୀ। ଏହି ଗ୍ରୁପ ବିରୋଧରେ ଶେଷ ପ୍ରହାର ପାଇଁ ଗୋଟିଏ ଶକ୍ତିଶାଳୀ ଓ କଠୋର ରଣନୀତି ଆବଶ୍ୟକ ବୋଲି ଶ୍ରୀ ଶାହ କହିଛନ୍ତି। ଛତିଶଗଡରେ ଥିବା ଅମିତ ଶାହ ଆଜି ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କେନ୍ଦ୍ର ଓ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀରଙ୍କ ସହ ରାଜ୍ୟରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି କେନ୍ଦ୍ର ସରକାର ମଧ୍ୟ ଗୋଟିଏ ନୂଆ ଆତ୍ମସମର୍ପଣ ନୀତି ଆସନ୍ତା ୨ ମାସ ମଧ୍ୟରେ ଆଣିବେ ବୋଲି ଅମିତ ଶାହ କହିଛନ୍ତି।ସେ କହିଛନ୍ତି, "ମାଓବାଦୀଙ୍କ ବିରୋଧରେ ଶେଷ ପ୍ରହାର ପାଇଁ ଗୋଟିଏ ଶକ୍ତିଶାଳୀ ଓ କଠୋର ରଣନୀତି ଆବଶ୍ୟକ। ମାଓବାଦୀ ହିଂସା ଗଣତନ୍ତ୍ର ପାଇଁ ଗୋଟିଏ ଚ୍ୟାଲେଞ୍ଜ। ମାଓବାଦୀ ହିଂସା ଯୋଗୁ ଦେଶରେ ୧୭ ହଜାର ଲୋକଙ୍କ ଜୀବନ ଯାଇଛି।"

## ଭାରତର ପ୍ରଥମ ପୁନଃବ୍ୟବହାରକ୍ଷମ ରକେଟ ଉତକ୍ଷେପଣ ସଫଳ



ଭୁବନେଶ୍ୱର,୨୪।୮(ପି.ଏନ): ମହାକାଶ ଗବେଷଣା କ୍ଷେତ୍ରରେ ଆଉ ପାଦେ ଆଗେଇଛି ଭାରତ। ଦେଶର ପ୍ରଥମ ପୁନଃବ୍ୟବହାରକ୍ଷମ ହାଇବ୍ରିଡ୍ ରକେଟ ଜଂସିଟଗଓ-୧ର ଉତକ୍ଷେପଣ ସଫଳ ହୋଇଛି। ଆଜି ଚେନ୍ନାଇ ସ୍ଥିତ ଇଷ୍ଟକୋଷ୍ଟ ରୋଡରେ ଥିବା ମାରିନା ବେଳାଭୂମିରେ ଏହି ହାଇବ୍ରିଡ ରକେଟର ଉତକ୍ଷେପଣ କରାଯାଇଛି। ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା ଉଦ୍ଦେଶ୍ୟରେ ଏହି ରେକଟ୍ ଉତକ୍ଷେପଣ କରାଯାଇଛି। ତାମିଲନାଡୁ ସ୍ଥିତ ଷ୍ଟାର୍ଟଅପ୍ କମ୍ପାନୀ ସ୍ପେସ୍ ଜୋନ୍ ଇଣ୍ଡିଆ ଏହି ରକେଟର ଉତକ୍ଷେପଣ କରିଛି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଘରର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଟ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଲୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଶ୍ରୀକୃଷ୍ଣାବତାରର ପ୍ରଥମ ପର୍ବ : ଜନ୍ମାଷ୍ଟମୀ

ଏକଦା ପରୀକ୍ଷିତ ପୁଛନ୍ତେ ଶୁକଦେବ କହିଥିଲେ : ଏବେ ଭଗବାନ କୃଷ୍ଣ ଅବତାର ସଂପର୍କରେ ତୁମକୁ କିଛି କହିବି। ସେ ତାଙ୍କ ଊନବିଂଶ ଅବତାରେ ଦ୍ୱାପର ଯୁଗରେ କୃଷ୍ଣରୂପେ ଜନ୍ମ ନେବେ। ସେ ତୁମ ବଂଶ ପାଇଁ ବଡ଼ ସହଯୋଗୀ ରହିବେ ଏବଂ ତାଙ୍କୁ ସେତେବେଳେ ମହାଭାରତର ନାୟକ ବୋଲି କୁହାଯିବ। ପରବ ୀ ସମୟରେ ଏହି କଥାଟି ପୃଥ୍ୱୀଠାରୁ ଆରମ୍ଭ ହେଲା। ଯେତେବେଳେ ପୃଥବୀର ପାପଭାର ବଢ଼ିଗଲା, ସେତେବେଳେ ପୃଥ୍ୱୀ କ୍ରନ୍ଦନ କରି ଭଗବାନ ବିଷ୍ଣୁଙ୍କ ପାଖକୁ ଗଲା ଏବଂ ତା' ଦୁଃଖ କହିଲା। ଏଥିକୁ ଭଗବାନ କହିଲେ : ଦେଖ ପୃଥ୍ୱୀ ମୁଁ ତୁମ ଦୁଃଖକୁ ଅନ୍ତ କରିବାପାଇଁ ଖୁବ୍ ଶୀଘ୍ର ବସୁଦେବ ଘରେ ଦେବକୀ ଔରସରୁ ଜନ୍ମନେଇ କୃଷ୍ଣାବତାର ଧାରଣ କରିବି। ଏବେ ତୁମେ ଯାଅ ଏବଂ ନିଶ୍ଚିନ୍ତ ରୁହ।

ଭଗବାନଙ୍କର ଦୁଇଟି ପ୍ରତିଶ୍ରୁତି ଥିଲା। ପ୍ରଥମଟି ପୃଥିବୀର ପାପଭାର ଓହ୍ଲାଇବା ନିମନ୍ତେ ଜନ୍ମ ନେବାରପ ପ୍ରତିଶ୍ରୁତି ଏବଂ ଦ୍ୱିତୀୟଟି ଦେବକୀ ଏବଂ ବସୁଦେବଙ୍କୁ ପୂର୍ବଜନ୍ମରେ



ଦେଇଥିବା ପ୍ରତିଶ୍ରୁତି ଯେ ସେ ତାଙ୍କର ପୁତ୍ର ହୋଇ ଜନ୍ମହେବେ। ଭଗବାନଙ୍କ ପ୍ରତିଶ୍ରୁତି ଅନୁସାରେ ଦ୍ୱାପର ଯୁଗରେ ତାହାହିଁ ହେଲା। କଂସ ମଥୁରାର ରାଜ ଓ ଦେବକୀ ତାଙ୍କର ଭଉଣୀ ଥିଲେ। ବସୁଦେବ ତାଙ୍କ ଭିଣୋଇ। କଂସର ଉଭୟ ଭଉଣୀ ଓ ଭିଣୋଇ ପ୍ରତି ପ୍ରଗାଢ଼ ଭକ୍ତି, ସମ୍ମାନ ଓ ଶ୍ରଦ୍ଧା ଥିଲା। ଏକଦା ସେ ନିଜେ ରଥର ବାହକ ହୋଇ ସେମାନଙ୍କ ଚି ବିନୋଦନ ନିମନ୍ତେ ବୁଲାଉଥିବା ବେଳେ ଶୂନ୍ୟବାଣୀ ହେଲା, ବୋଧହୁଏ ଏହା ନାରଦଙ୍କର ଥିଲା : ଆରେ କଂସ, ଯାହାପ୍ରତି ତୋର ଏତେ ଅନୁରାଗ, ଯତ୍ନ ଓ ସେବା ସେମାନଙ୍କର ଅଷ୍ଟମ ଗର୍ଭର ସନ୍ତାନ ତୋର ମୃତ୍ୟୁର କାରଣ ହେବ। କଂସ ସ୍ୱଭାବରେ ମନ୍ଦ, ନିର୍ଦ୍ଦୟ ଏବଂ ଖଳ ପ୍ରକୃତିର ଥିଲା। ସେ ସଂଗେସଂଗେ ଭଉଣୀ ଓ ଭିଣୋଇଙ୍କୁ ବନ୍ଦୀକରି ମଥୁରାର ବନ୍ଦୀଶାଳାରେ ନିକ୍ଷେପ କଲା। ଖାଲି ସେତିକି ନୁହେଁ, ୬ଟି ପୁତ୍ର ସନ୍ତାନଙ୍କୁ ସେ ନିର୍ମମ ଭାବେ ହତ୍ୟା କଲା। ସେ ନିଜକୁ ଭଗବାନ ବୋଲି ଭାବୁଥିଲା। ସେ ଅତ୍ୟନ୍ତ ପ୍ରଜାପୀଡ଼କ ଏବଂ ଦେବତାମାନଙ୍କର ଶତ୍ରୁ ଥିଲା ତଥା ଋଷିମାନଙ୍କୁ ହନ୍ତସନ୍ତ କରୁଥିଲା। ସେ କୌଣସି ଗୁଣରେ ରାବଣଠୁ କମ୍ ନଥିଲା।

ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମନେଲେ। କେତେକ ଐତିହାସିକଙ୍କ ମତରେ ଶ୍ରୀକୃଷ୍ଣ ଖ୍ରୀଷ୍ଟପୂର୍ବ ୩୨୨୭ ଜୁଲାଇ ୨୦ ତାରିଖରେ ଜନ୍ମ ହୋଇଥିଲେ। ଆଉ କେତେକଙ୍କ ମତରେ ସେ ଖ୍ରୀଷ୍ଟପୂର୍ବ ୩୧୧୨ ଜୁଲାଇ ୨୭ରେ ଜନ୍ମହୋଇ ଖ୍ରୀଷ୍ଟପୂର୍ବ ୩୦୩୧ରେ ମୃତ୍ୟୁବରଣ କରିଥିଲେ। ମହାଭାରତ ଯୁଦ୍ଧ ହୋଇଥିଲା ଖ୍ରୀଷ୍ଟପୂର୍ବ ୩୧୪୧ରେ। ସେତେବେଳକୁ କୃଷ୍ଣଙ୍କୁ ୮୬ବର୍ଷ ହୋଇଥିଲା। କେହି କେହି ମତ ଦିଅନ୍ତି ଯେ ରାମ ଜନ୍ମର ପାଖାପାଖି ୮୦୦ବର୍ଷ ପରେ କୃଷ୍ଣ ଜନ୍ମ ହୋଇଥିଲେ। ରାମଚନ୍ଦ୍ର ୭୫ବର୍ଷରେ ମୃତ୍ୟୁବରଣ କରିଥିଲେ। ରାମଚନ୍ଦ୍ରଙ୍କର ୩୨ତମ ପୁରୁଷ ବୃହଦ୍‌ବାଳକୁ ଅଭିମନ୍ୟୁ ବଧ କରିଥିଲେ। ଏହି ହିସାବରେ ପ୍ରତିଟି ପୁରୁଷର ପାର୍ଥକ୍ୟକୁ ହାରାହାରି ୨୫ବର୍ଷ ଧରିଲେ ଏ ଦୁହିଁଙ୍କର ସମୟ ପାର୍ଥକ୍ୟ ୮୦୦ବର୍ଷ ହୋଇଥାଏ। ତେବେ ମୋଟାମୋଟି ଭାବରେ ଉପରୋକ୍ତ ସମୟ କଳ୍ପନା ରେ ବ୍ୟତିକ୍ରମ ଥିଲେ ହେଁ, କୃଷ୍ଣ ଆଜକୁ ୫୦୦୦ବର୍ଷ ପୂର୍ବେ ଜନ୍ମ ହୋଇଥିବା ସତ୍ୟ। କୃଷ୍ଣ ରୋହିଣୀ ନକ୍ଷେତ୍ରରେ, ବୃଷ ରାଶିରେ ଚନ୍ଦ୍ର ଥିବାବେଳେ, ଭାଦ୍ର କୃଷ୍ଣପକ୍ଷ ଅଷ୍ଟମୀରେ ଏବଂ ନିଶାର୍ଦ୍ଧରେ ଜନ୍ମ ହୋଇଥିଲେ। ଏହା ପୂର୍ବ ଅବଗଣନା ହିସାବରେ ଜୁଲାଇ ମାସ ଥିଲା।

କିଟି କିଟି ଅନ୍ଧାର ରାତି। ମେଘର ଗୁରୁଗର୍ଜନ। ପବନ ବୋହୁଛି ଅଣଚାଷ। ମେଘ ଦେହରେ ବିଜୁଳିର ଖେଳ। ଏହି ସମୟରେ କାରାଗାରର ଅନ୍ଧକାର କକ୍ଷରେ ଭୂମିଷ୍ଠ ହେଲେ କୃଷ୍ଣ; ଝଲ୍‌ସିଗଲା କାରାଗାର।

*ଏହି ରୂପରେ ଜନ୍ମ ନେଲେ:*
*"ନୀଳଜୀମୁତ ଦେହ କାନ୍ତି*
*ବଳୟ ମଣି ଝଟକନ୍ତି।*



*ପୀତବସନ କଟିଶୋହେ*
*ରୂପ କୋଟିଏ କାମ ମୋହେ।*
*କଟି ମେଖଳା ସୁନା ସୂତା*
*ଉତରୀ ସୁବର୍ଣ୍ଣ ପଇତା॥..."*

ଏହିପରି ଅପୂର୍ବ ରୂପଧରି ଭଗବାନ କୃଷ୍ଣ ଅବତାର ଜନ୍ମ ନେଲେ। ସେ ଯେ ଭଗବାନ, ଏହା ବିଶ୍ୱାସ କରାଇବା ପାଇଁ ଦେବକୀ ଓ ବାସୁଦେବଙ୍କୁ ତାଙ୍କ ନିଜସ୍ୱ ରୂପ ଦର୍ଶନ ଦେଲେ। ତତ୍‌କ୍ଷଣାତ୍ କାରଗାର ଦ୍ୱାର ଉନ୍ମୁକ୍ତ ହୋଇଗଲା। ବସୁଦେବ ଏବଂ ଦେବକୀ ଶୃଙ୍ଖଳ ମୁକ୍ତ ହେଲେ ଏବଂ ଭଗବାନଙ୍କ ନିର୍ଦ୍ଦେଶକ୍ରମେ ବସୁଦେବ ବାସୁଦେବଙ୍କୁ ଏକ ନିରାପଦ ବୋଝରେ ମୁଣ୍ଡାଇ ଚାଲିଲେ ଗୋପପୁର। ପଥରେ ପଡ଼ିଲା ଫୁରନ୍ତ ଯମୁନା। ଯମୁନା ଯମର ଭଗ୍ନୀ। ଲଙ୍ଘିଛି କୂଳ। ତଥାପି ପଶିଲେ ବସୁଦେବ। ତୁଣ୍ଡକୁ ଛୁଇଁଲା ଜଳ। ବସୁଦେବ ଡାକିଲେ :

*"ତୋତେ ହିଁ ତୁହି ରକ୍ଷାକର*
*ମୁଁ ଛାର ମନୁଷ୍ୟ ମାତର॥"*



ଯମୁନା ପାରିକଲା ଘାଟ। ବିଜୁଳି କଢ଼ାଇଲା ବାଟ। ବାଟରେ କଂସର ପିତା ଉଗ୍ରସେନ କରିଲେ ଆକଟ। ବାସୁଦେବ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ନିଜର ଦର୍ଶନ ଓ ପରିଚିତି ଦେଲେ। ଏବେ ବାଟ ସଫା। ପୂର୍ବ ଯୋଜନା ଅନୁସାରେ ଯଶୋଦାଙ୍କ ଗର୍ଭରୁ ଅମ୍ବିକା ନନ୍ଦ ଘରେ ଜନ୍ମ ନେଇଥିଲେ। ଯଶୋଦା ସଂଜ୍ଞାହୀନ ଥିଲେ। ବସୁଦେବ ସମସ୍ତଙ୍କ ଅଜ୍ଞାତରେ ସନ୍ତାନ ଦ୍ୱୟଙ୍କୁ ଅଦଳ ବଦଳ କରାଇ ଅମ୍ବିକାଙ୍କୁ ଧରି ଲେଉଟିଲେ ମଥୁରା। ପୁନଶ୍ଚ ବନ୍ଦୀ ହେଲେ ଆପଣାଛାଏଁ ଦେବକୀ ଓ ବସୁଦେବ ଏବଂ କାରଗାର ମୁକ୍ତ ଦ୍ୱାର ପୁନଶ୍ଚ ରୁଦ୍ଧଦ୍ୱାର ହୋଇଗଲା। କନ୍ୟା ସନ୍ତାନର ଜନ୍ମ ଜନିତ ଚକ୍ରାରରେ କଂସପୁରି ଚମକି ଉଠିଲା। ଦେବକୀର ଅଷ୍ଟମଗର୍ଭ। ଦୌଡ଼ିଲା କଂସ। ଦେବକୀ ଓ ବସୁଦେବଙ୍କର ନାନା ଅନୁନ୍ନୟ ଓ ବିନୟକୁ ଭୃକ୍ଷେପ କରି ଶିଳାରେ ପିଟନ୍ତେ, ଅମ୍ବିକା ଉଠିଲା ଆକାଶ। ଆଉ ଶୂନ୍ୟବାଣୀ ଦେଲେ : ତୁ' ଅଯଥାରେ ମୋତେ କୋପ କଲୁ। ତୋତେ ଯିଏ ମାରିବ ସେ ଗୋପରେ ବଢ଼ୁଛି। ଏତିକିରେ କୁରାଳ ଚକ୍ରପ୍ରାୟେ କଂସର ମୁଣ୍ଡ ଘୂରିଲା। ଏବେ ଶିଶୁ ହତ୍ୟା ପାଇଁ ଆରମ୍ଭ କଲା ଯେତେଯେତେ କାଣ୍ଡ।

ଅଥଚ ସେପଟେ ଗୋପରେ ଶିଶୁ କୃଷ୍ଣଙ୍କ କୁଆଁ କୁଆଁ ରାବରେ ଚମକି ଉଠିଲା ମେଦିନୀ। ପବନରେ ବହିଲା ମଳୟ; ହସି ଉଠିଲେ ବୃକ୍ଷରାଜି; ଫୁଲର ବାସ୍ନାରେ ମହକିତ ବନ, ଉପବନ; ଅଦିନେ କୋଇଲିର ସ୍ୱର; ମୟୁରର ନୃତ୍ୟ; ଶୁକ ଶାରୀଙ୍କ କଣ୍ଠରେ ସ୍ୱାଗତ ସଂଗୀତ; ଦାସୀ, ପୋଇଲି, ସେବକ, ସାଆନ୍ତ ଏବଂ ସଂଭ୍ରାନ୍ତ ତଥା ନଗରଜନଙ୍କ ମଧ୍ୟରେ ଆନନ୍ଦର ଲହରୀ। ଦାନଧର୍ମରେ ମାତିଛନ୍ତି ନନ୍ଦ। ବୃଦ୍ଧକାଳେ ନନ୍ଦଙ୍କୁ ମମତାର ବନ୍ଧନରେ ବାନ୍ଧିଦେଲା କୃଷ୍ଣଙ୍କର ଯେତେ ନନ୍ଦଛନ୍ଦ।

*ଆହା ମୋ ନନ୍ଦ କୋଳେ ଗୋବିନ୍ଦ...*
*କୋଳେ ଗୋବିନ୍ଦ...*

*ରଙ୍କ ରତନଙ୍କ କୋଳରେ ହସ,....*
*ଦେଖ ଗୋବିନ୍ଦ*
*ଆହା ମୋ ନନ୍ଦ... କୋଳେ ଗୋବିନ୍ଦ॥*

* * * *

*ନନ୍ଦର ମନ୍ଦିରେ ଜନ୍ମିଛି ନନ୍ଦନ*



*ନିରାନନ୍ଦ ଘରେ ଅତି ଆନନ୍ଦ*
*ଅନ୍ଧାର ଗୃହରେ ଜନ୍ମିଛି ଆଲୁଅ,*
*ଉଆଁସରେ କାହୁଁ ଅଇଲା ଚାନ୍ଦ ?*

ଏହାହିଁ କୃଷ୍ଣାବତାରର ପ୍ରଥମ ଦିନର ପ୍ରଥମ ପର୍ବ। ସେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଜନ୍ମ ନେଇଥିବା ହେତୁ ଏହାକୁ ଜନ୍ମାଷ୍ଟମୀ କୁହାଯାଏ। ସେବେଠୁ ଚାଲିଛି ତାଙ୍କ ଜନ୍ମୋତ୍ସବ। ଏହିଦିନ ସମସ୍ତେ ଉପାସ ରୁହନ୍ତି। ମଧ୍ୟ ରାତ୍ରିରେ କୃଷ୍ଣଙ୍କର ପୂଜା ହୁଏ। ଏହା ଉଭୟ ଘର ଏବଂ ମନ୍ଦିରରେ ହୁଏ। ପୂଜା ପରେ ପ୍ରସାଦ ବ ।ଯାଏ। କୃଷ୍ଣଙ୍କର ଛବି ଓ ପଟ୍ଟଚିତ୍ରକୁ ସଜ୍ଜାଯାଏ। ତାଙ୍କ ପାଇଁ ସଭିଙ୍କ ତୁଣ୍ଡରେ ଜୟଦେବଙ୍କର ଗୀତ ଗୋବିନ୍ଦ ଥାଏ:

ଓଁ ଜୟଜଗଦୀଶ ହରେ...

ପ୍ରଳୟ ପ୍ରୟୋଧି ଜଳେ ଧୃତ ବାନସି ବେଦଂ/ବିହିତ ବହିତ୍ର ଚରିତମ୍ ଖେଦଂ/କେଶବ ଧୃତ,ମ ୀନ ଶରୀର, ଜୟ ଜଗଦୀଶ ହରେ॥

* * * *

ଓଁ ଜୟ ଜଗଦୀଶ ହରେ
କେଶବ ଧୃତ ଦଶବିଧ ରୂପ
ଜୟ ଜଗଦୀଶ ହରେ॥

ସେଦିନ କଂସ ଏବଂ ତା'ର କେଇଜଣ ଦୁଷ୍ଟ ସମର୍ଥକଙ୍କୁ ନାଶ କରିବାପାଇଁ ପୃଥିବୀ କୃଷ୍ଣଙ୍କୁ ସ୍ୱାଗତ କରିଥିଲା। ଆଜି ସେ କୃଷ୍ଣ ନାହାଁନ୍ତି ଅଥଚ ସହସ୍ର ସହସ୍ର କଂସଙ୍କ ଦୌରାତ୍ମ୍ୟ ଏଠି ଜୀବନକୁ ଦୁର୍ବିସହ କରିଦେଉଛି। ସେମାନଙ୍କର ନିଧନ ପାଇଁ ଆମେ ଆଜି ସେହି କୃଷ୍ଣଙ୍କର ଭିନ୍ନ ଏକ ଅବତାରପାଇଁ ଅପେକ୍ଷା କରିଛୁ ଏବଂ ସ୍ୱାଗତ କରି ତାଙ୍କ ଜନ୍ମଦିନ ପାଳନ କରୁଛୁ।

# ବହୁ ପ୍ରତିଭାର ଅଧିକାରୀ ଥିଲେ ପଦ୍ମଶ୍ରୀ ଡ. ରଜତ କର



ଭୁବନେଶ୍ୱର (ପିଏନ୍): ମହାନ୍ ସାରସ୍ୱତ ସାଧକ, ପ୍ରାଜ୍ଞ ପ୍ରବଚକ, ପ୍ରବୀଣ ବକ୍ତା, ଶ୍ରୀଜଗନ୍ନାଥ ସଂସ୍କୃତିର ସମର୍ପିତ ଉପାସକ ପଦ୍ମଶ୍ରୀ ରଜତ କରଙ୍କ ଇହଲୀଳା ସମ୍ବରଣର ମର୍ମନ୍ତୁଦ ବାର୍ତ୍ତାରେ ମର୍ମାହତ। ବିଶେଷ କରି ବିଗତ ୪୨ ବର୍ଷ ଧରି ତାଙ୍କ ସାନ୍ନିଧ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଥିଲୁ। ପ୍ରବୀଣ ଶିକ୍ଷାବିତ୍, ନାଟ୍ୟକାର ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା, ବିଗତ ଦୀର୍ଘ ୬୦ ବର୍ଷ ଧରି ସେ ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମ (ଟିଭି) ଓ ଆକାଶବାଣୀରେ (ରେଡ଼ିଓରେ) ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରି ଓଡ଼ିଶାର ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁବକ୍ତା ଭାବେ ତାଙ୍କର ସୁଖ୍ୟାତି ରହିଛି ସମଗ୍ର ଭାରତବର୍ଷରେ। ୧୯୩୪ ମସିହା, ଅକ୍ଟୋବର ୨ ତରିଖରେ ପିତା କୁଳମଣି କର ଓ ମାତା ଇନ୍ଦୁମତୀ ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ମହାନ୍ ଓଡ଼ିଆ ରେଭେନ୍‌ସା କଲିଜିଏଟ୍ ସ୍କୁଲର ଛାତ୍ର ଥିଲେ ଏବଂ ପରେ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ବରେଣ୍ୟ ପଦ୍ମଶ୍ରୀ ରଜତ କର ଜଣେ ଶିକ୍ଷାବିତ୍ ଭାବରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଦୀର୍ଘଦିନ ଧରି କାମ କରିଥିଲେ ଏବଂ ଏସ୍‌ସିଇଆଇଟିର ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଆକାଶବାଣୀର ବିଭିନ୍ନ କାର୍ଯ୍ୟକ୍ରମରେ ଅଭିନୟ କରିବା ସହିତ ଅନେକ ନାଟକ ମଧ୍ୟ ରଚନା କରିଛନ୍ତି। ଜଗନ୍ନାଥ ଧର୍ମ ଓ ରୀତିନୀତିକୁ ନେଇ ସେ ଅନେକ ସାହିତ୍ୟ ରଚନା କରିଛନ୍ତି। ତନ୍ମଧ୍ୟରେ "ଜନ ଜୀବନରେ ଜଗନ୍ନାଥ", "ଅନନ୍ୟ ଜଗନ୍ନାଥ ଅନଭୂତିର", "ଅନ୍ଧପୁଟୁଳି", "ଚନ୍ଦନ ହଜୁରୀ", "ଜଣାଣ ଜଣାଉଛି ଜଗନ୍ନାଥଙ୍କୁ", "ବାଇଶି ପାବଚ୍ଛ", "ବୀର ଚାଖି ଖୁ ିଆ"', "ଜନମାନସରେ ଭଞ୍ଜ" ପ୍ରଭୃତି ସାରସ୍ୱତ ସୃଷ୍ଟି ଓଡ଼ିଆ ବାଣୀଭଣ୍ଡାରର ଅମ୍ଳାନ ପଣ୍ୟ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅକଳ୍ପନୀୟ ପ୍ରତିଭା ତଥା ସୃଷ୍ଟି ସମୂହର ଜଣେ ଗବେଷକ ଭାବରେ ଯେପରି ତାଙ୍କର ପ୍ରଜ୍ଞା ପ୍ରତିଫଳିତ, ଠିକ୍ ସେହିପରି ପାଲା ସାହିତ୍ୟ ସଂସ୍କୃତିର ଜଣେ ସମର୍ପିତ ଉପାସକ ଭାବେ ସୁପରିଚିତ ଥିଲେ ଏବଂ ବିଭିନ୍ନ ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମ ଦ୍ୱାରା ପାଲା ସାହିତ୍ୟ ପ୍ରତିଯୋଗିତା ଅର୍ଥାତ୍ ବାଦିପାଲାର ବିଚାରକ ଭାବେ ତାଙ୍କର ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ପାଇଥିଲା ଅଜସ୍ର ଦର୍ଶକୀୟ ପ୍ରଶଂସା। ତାଙ୍କର ଅମୃତ ଅମ୍ଳାନ ସ୍ମୃତି ପ୍ରତି କୋଟିକୋଟି ପ୍ରଣାମ ଜଣାଉଛି।

# ଚାଷୀ ଓ ଏଆରଏସ୍‌ଏସ୍ କମ୍ପାନୀ କର୍ମଚାରୀ ମୁହାଁମୁହିଁ ଘଟଣା, ଥାନାରେ ରୁଜୁ ହେଲା ଦୁଇଟି ମାମଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ତରତରା ପଂଚାୟତ ମାଠିଆ ନେଣ୍ଡି ଗ୍ରାମର ଚାଷୀ ଓ କେନାଲ ନିର୍ମାଣକାରୀ ଏଆରଏସ୍‌ଏସ୍ ଠିକା ସଂସ୍ଥାର କର୍ମଚାରୀ ମୁହାଁମୁହିଁ ହେବା ପରିସ୍ଥିତିକୁ ନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏଆରଏସ୍‌ଏସ୍ ଠିକା ସଂସ୍ଥାର ଯନ୍ତ୍ରୀ ଅବଦୁର ରହିମ୍ ଆମରୁଲ୍ ହକ୍‌ଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ଥାନା ପକ୍ଷରୁ ୧୦୮/୦୫.୦୫.୨୦୨୨ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ ଚାଷୀ ମନୋରନ ଆଇଚ ୫ଟ୍ରିପ୍ ମାଟି ମାଗିବା ସହିତ ୧୦ ହଜାର ଟଙ୍କା ଦାଦା ବଟି ଦାବି କରିଥିଲେ । କମ୍ପାନୀ କର୍ମଚାରୀ ମନା କରିବାରୁ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି କର୍ମଚାରୀଙ୍କୁ ହତ୍ୟା ଧମକ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚଙ୍କ ଅଭିଯୋଗକୁ ଆଧାର କରି ଥାନା ପକ୍ଷରୁ ୧୧୦/୦୬.୦୫.୨୦୨୨ରେ ଏକ ପାଲଟା ଅଭିଯୋଗ ମଧ୍ୟ ହୋଇଛି । ଚାଷୀ ମନୋରଂଜନ ବାପାଙ୍କ ଅଭିଯୋଗ ଅନୁଯାୟୀ ଠିକା କମ୍ପାନୀ ଏଆରଏସ୍‌ଏସ୍ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଦୂରଦୃଷ୍ଟି ଅଭାବ ସମ୍ପନ୍ନ କାର୍ଯ୍ୟାକଳାପ ପାଇଁ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ଯାହାର ପ୍ରତିବାଦ କରିବାରୁ ମନୋରନଙ୍କୁ ପାଲଟା ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଠିକା କମ୍ପାନୀ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଚାଷୀ ମନୋରଂଜନଙ୍କୁ ଗିରଫ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି । ଅନ୍ୟପଟେ ଚାଷୀଙ୍କ ବାପା କରିଥିବା ଅଭିଯୋଗର ତଦନ୍ତ ଚାଲିଥିବା ପୋଲିସ ନିକଟରୁ ସୂଚନା ମିଳିଛି । ଏଭଳି ବିବାଦୀୟ ପରିସ୍ଥିତିରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହିତ କମ୍ପାନୀର ବେପରୁଆ ନିର୍ମାଣ କାର୍ଯ୍ୟ ପାଇଁ କ୍ଷତିଗ୍ରସ୍ତ ହେଉଛିବା ଚାଷ ଜମିର ରକ୍ଷଣାବେକ୍ଷଣ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ବର୍ଷା ସମୟରେ ଚକ୍ରତୀର୍ଥ ନୀଳ, ବାହାଆ ନାଳ ଓ ପାହାଡରେ ଆସୁଥିବା ପାଣି ତିନିଗୋଟି ନୀଳରେ ପାଣି ପ୍ରବାହିତ ହେଉଥିଲା । ଠିକା କମ୍ପାନୀ ନିର୍ମାଣକୁ ନେଇ ବର୍ତ୍ତମାନ ଏହି ତିନିଗୋଟି ନାଳର ପାଣି ଗୋଟିଏ ନାଳରେ ଯାତାୟତ କରୁଛି । ଯଦ୍ୱାରା ପାଣିର ତୀବ୍ରତା ବୃଦ୍ଧି ପାଉଥିବା ବେଳେ ଚାଷ ଜମି ଗୁଡିକ ପ୍ରଭାବିତ ହେଉଛି । ଚାଷ କାର୍ଯ୍ୟ କରିବା ଆଦୌ ସମ୍ଭବ ହେଉନାହିଁ । ଏହି ପ୍ରଭାବିତ ଚାଷ ଜମି ମଧ୍ୟରେ ମନୋରନଙ୍କ ୭ ଏକର ଜମି ପ୍ରଭାବିତ ହେଉଥିବାରୁ ଚାଷୀ ମନୋରଂଜନ କେନାଲ ନିର୍ମାଣକାରୀ ଠିକା ସଂସ୍ଥା କର୍ମଚାରୀଙ୍କୁ ସମ୍ପୃକ୍ତ ନାଳକୁ ମାଟି ପକାଇ ଅବରୋଧ କରିବାକୁ କହିଥିଲେ । ଯାହାକୁ ନେଇ ଏଭଳି ବିବାଦୀୟ ପରିସ୍ଥିତି ନଜରକୁ ଆସିଛି । ପ୍ରଶାସନିକ ସ୍ତରରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନିରପେକ୍ଷ ତଦ' ଦାବି କରାଯାଇଛି ।

# ନ୍ୟାୟ ପାଇଁ ପୀଡ଼ିତା ଏସ୍.ପି. ଅଫିସ ସମ୍ମୁଖରେ ଧାରଣା ଦେବେ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ସଚେତନତାର ଅଭାବ ଯୋଗୁଁ ଅଳ୍ପ ବୟସରେ ବିବାହ ପରେ ନିର୍ଯାତନା ମାମଲା ବିଚ୍ଛେଦ ଭଳି ଘଟଣାର ସୁଯୋଗ ନେଇ ଗୁଣିଆ ନାମରେ ପ୍ରଲୋଭିତ କରି ଏ ସବୁର ଫାଇଦା ଉଠାଇଛନ୍ତି। ଦୀର୍ଘ ୭୯ ଦିନ ପରିବାରଠାରୁ ଦୂରରେ ରହି ଏକ ରୁଦ୍ଧ କୋଠରୀରେ ୨୨ ବର୍ଷର ନିର୍ଯ୍ୟାତିତା ଓ ତାର ଅଢ଼େଇ ବର୍ଷର ଶିଶୁ କୁ ନିକଟରେ ମୟୁରଭଞ୍ଜ ଜିଲ୍ଲା ପୁଲିସ ସହାୟତାରେ ମୋରଡ଼ା ଅଞ୍ଚଳରୁ ଉଦ୍ଧାର କରାଯିବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ୍ ଅସଫଳ ହୋଇଥିଲେ ହେଁ ଏଥିନେଇଁ ବିଭିନ୍ନ ସଙ୍ଗୀନ ଦଫାରେ ଜଳେଶ୍ୱର ପୁଲିସ୍ ପକ୍ଷରୁ କେସ ନଂ ୧୬୯/୨୦୨୨ ଦଫା ୭୯୮(କ)/୨୯୪ ୩୨୩, ୩୪୨, ୪୧୭, ୧୦୯,୩୭୬ (୨) (ଏନ) ୫୦୬ ୩୪ ୩,୪,୫,୬ ଦଫାରେ ନୀଳମଣି ଜେନା, ଗୀତାରାଣୀ ଜେନା, ସୂର୍ଯ୍ୟମଣି ଜେନା, ସେକ୍ ତରାଫ ନାମରେ ମାମଲା ରୁଜୁ ହୋଇ ରହିଛି। କିନ୍ତୁ କୌଣସି ଅଭିଯୁକ୍ତଙ୍କୁ ଏଯାଏଁ ଧରିପାରିନାହିଁ। ଏ ବାବଦରେ ବିଭିନ୍ନ ସଚେତନ ସଂଗଠନ, ଗଣମାଧ୍ୟମ ଓ ମାନବାଧିକାର କର୍ମୀ ଅଭିଯାନ ଜାରି ରଖିଛନ୍ତି। ହେଲେ ପିଡ଼ିତା ବିଳମ୍ବିତ ନ୍ୟାୟର ଶିକାର ହୋଇ ବାଲେଶ୍ୱର ଜିଲ୍ଲା ଏସପିଙ୍କ ଓଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ଜଳେଶ୍ୱର ଅଂଚଳର ମହିଳା ଜଣକ ରାଇଗିଣିଆ ଅଂଚଳରେ ବିବାହ କରିଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସ୍ୱାମୀ ବାହାର ରାଜ୍ୟକୁ ପଳାଇବା ପରେ ମହିଳାଙ୍କ ଶାଶୁ ଭୋଗରାଇ ଅଂଚଳର ଜଣେ ଭଣ୍ଡ ଓ କାମାନ୍ଧ ଗୁଣିଆ ପାଖକୁ ନେଇଯିବା ସହ ତା ସହ ଶାରୀରିକ ସଂପର୍କ ରଖିଲେ ଘରକୁ ଶାନ୍ତି ଫେରିବ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଭଲସଂପର୍କ ରହିବ କହି ଗୁଣିଆ ନିକଟରେ ଛାଡ଼ି ଚାଲି ଆସିଥିଲେ। ଗୁଣିଆ ଜଣକ ମହିଳାଙ୍କୁ ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ବଇଁଗଡ଼ିଆ ଗାଁକୁ ନେଇଯାଇ ସେଠାରେ ଏକ ବନ୍ଦ କୋଠରୀରେ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ଗତ ସପ୍ତାହରେ ମହିଳା ଜଣଙ୍କ କୌଶଳ କ୍ରମେ ତାଙ୍କ ବାପ ଘର ଲୋକଙ୍କୁ ଏ ସଂପର୍କରେ ଫୋନକରି ଜଣାଇଥିଲେ। ପରିବାର ଲୋଲେ ଖବର ପାଇ ସେଠାରେ ପହଞ୍ଚି ମୋରଡ଼ା ପୁଲିସ୍ ସହାୟତାରେ ଗତ ୨୮ ତାରିଖରେ ମହିଳା ଓ ତାଙ୍କ ପୁଅକୁ ସେହି କାଳ କୋଠରୀରୁ ଉଦ୍ଧାର କରିବା ପରେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏ ବାବଦରେ ପୀଡ଼ିତାକୁ ଡାକ୍ତରୀ ମାଇନା ସହ କୋର୍ଟରେ ହାଜର କରାଯାଇ ବୟାନ ରେକର୍ଡ଼ ହୋଇଛି। ଏହି ମାମଲା ଜାତୀୟ ମାନବାଧିକାରୀ କମିଶନ ପାଖରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲା ଶାଳଣିଆ ଅଂଚଳର ମାନବାଧିକାରୀ କର୍ମୀ ସୁଧାଂଶୁ ଶେଖର ନାୟକଙ୍କ ଅଭିଯୋଗ ଆଧାରରେ ଏନ,ଏଚ ଆର ସି କେସ ନଂ ୭୧୭୨/୨୨ରେ ଏକ ମାମଲା ପଞ୍ଜିକୃତ ହୋଇଛି। ଏ ସବୁ ସତ୍ୱେ ପୁଲିସର ହାତ ଶୁନ ଯଦିଓ ଜଳେଶ୍ୱର ଥାନା ଅଧିକାରୀ ଏସ ଡ଼ି ପି ଓ ଗଣ ପୀଡ଼ିତାଙ୍କୁ ଯେଉଁ ଅନ୍ତରୀଣ ସାହାଯ୍ୟ, ସୁବିଧା ଦିଆ ଯିବା କଥା ତାହାର ସୁରକ୍ଷା ସହିତ ଶିଶୁର ସୁରକ୍ଷା ଏଥିନେଇ ସାହାଯ୍ୟ ଦିଆଯାଇ ନାହି। ଆଜି ବହୁ ଚର୍ଚ୍ଚିତ ଏସିଡ଼ ମାଡ଼ ଘଟଣାର ପୀଡ଼ିତା ପ୍ରମୋଦିନୀ ରାଉଳ ଯେଉଁ ରାୟ ପ୍ରକାଶ ପାଇଛି ସେଥିରେ ସେ ଆଦୌ ସନ୍ତୁଷ୍ଟ ନୁହଁନ୍ତି। ପୁଲିସ ନିଷ୍କ୍ରିୟତା କାରଣରୁ ଅଭିଯୁକ୍ତ ଙ୍କୁ ଧରିବାରେ ପୁଲିସ କୁ ବହୁ ସମୟ ଲାଗିଥିଲା। ଦୋଷୀକୁ ଯେଉଁ ଦଣ୍ଡ ମିଳିଛି ଅଧିକ କୋଠର ଦଣ୍ଡ ଦେବା ପାଇଁ ସେ ହାଇକୋର୍ଟ କୁ ଯିବେ ବୋଲି ଗଣ ମାଧ୍ୟମକୁ କହିଛନ୍ତି ତେବେ ପ୍ରଶ୍ନ ଉଠୁଚି ଜଳେଶ୍ୱର ଥାନାରେ ଜଣେ ମହିଳା ଥାନାଧିକାରୀ ଥିଲାବେଳେ ମହିଳାକୁ କି ପ୍ରକାର ସୁରକ୍ଷା ଓ ନ୍ୟାୟ ମିଳୁଛି ସେଥିନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ତୁରନ୍ତ ନ୍ୟାୟ ପାଇଁ ପୀଡ଼ିତା ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ମନସ୍ତ କରୁଛନ୍ତି।

# ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ଅଭାବରେ ଚାଲିଛି ସ୍ୱାସ୍ଥ୍ୟସେବା

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ମାତ୍ର ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତର ମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ କଭର କରିଥାଏ। ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚ ର ମୂଲ୍ୟ ନିର୍ଦ୍ଧାରିତ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପୀ ର୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି।

ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ଏଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ଏଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିର୍ବାଜ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀ ମାନେ ଲାଭ ନିଅନ୍ତି। ସେଠାରେ ମିଡ଼ିଲ ଗ୍ରୁପ ପାଇଁ ମଧ୍ୟ ଟ୍ୟାକ୍ସ ବହୁତ କମ୍ ରହିଛି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହର ମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହର ଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଂମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ।

ଭାରତରେ ସ୍ୱାସ୍ଥ୍ୟସେବାର ଅବସ୍ଥା ଏତେ ଖରାପ ଯେ, ୨୦୪୬ ଲୋକ ସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୫

# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

'ଜନ୍ମ କର୍ମ ଚ଼ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ' ।



କିରଣ ଦାସ

ଭଗବତ ଗୀତା ୪: ୯ଯେଉଁମାନେ ମୋର ଜନ୍ମ ଓ କର୍ମର ଦିବ୍ୟତାକୁ ବୁଝିପାରନ୍ତି, ହେ ଅର୍ଜୁନ! ସେମାନେ ଶରୀର ତ୍ୟାଗ ପରେ, ପୁନର୍ବାର ଜନ୍ମ ଗ୍ରହଣ ନକରି, ମୋର ଦିବ୍ୟଧାମକୁ ଆସିଥାନ୍ତି ।ଭଗବାନଙ୍କର ଶହ ଶହ ଅବତାର ମଧ୍ୟ ରୁ ଆମେ କେବଳ ୧୦ଟି ଅବତାର କୁ ସ୍ମରଣ କରି ଥାଉ ।ଏହା ଭିତରୁ ମୁଖ୍ୟ ହେଲା କୃଷ୍ଣ ଅବତାର ।

ବିବର୍ତ୍ତନବାଦ୍ କୁ ଆଧାର କରି ସତେ ଯେମିତି ଅବତାର ଗୁଡ଼ିକ ଜନ୍ମ ନେଇଛନ୍ତି ।ପ୍ରଥମ ଅବତାର ମତ୍ସ୍ୟ ବିବର୍ତ୍ତନ ବାଦ ରେ ମାଛ ର ସୃଷ୍ଟି ପ୍ରଥମେ ବୋଲି ମାନ୍ୟତା ରହିଛି ।ଶ୍ରୀ କୃଷ୍ଣ ଅବତାର ଏକ ଶ୍ରେଷ୍ଠ ଅବତାର ।ଶ୍ରୀ କୃଷ୍ଣ ଙ୍କୁ ଅନେକ ଅବତରି ବୋଲି ମାନିଥାନ୍ତି ।

ଶ୍ରୀକୃଷ୍ଣଙ୍କ ପାଖରେ ଅନେକ ଦୈବୀ ଗୁଣ କୁ ଲକ୍ଷ କରାଯାଇଅଛି ।ଅନେକ ଚ଼ମତ୍କାର ଘଟଣା ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଦେଖାଇ ଛନ୍ତି ।ଭଗବାନ ଶ୍ରୀକୃଷ୍ଣ ଙ୍କୁ ସେଥିପାଇଁ ଶ୍ରେଷ୍ଠ ବୋଲି କୁହାଯାଏ । ଯେତେବେଳେ ସୃଷ୍ଟି ରେ ଅରାଜକତା ଓ ପାପ ବଢ଼ିଥାଏ ।ଧର୍ମ ର ଯେତେବେଳେ ଗ୍ଲାନି ହୁଏ ,ସେତେବେଳେ ଧର୍ମାତ୍ମା କୁ ରକ୍ଷା କରିବା ପାଇଁ ଭଗବାନ ଅବତାର ଗ୍ରହଣ କରିଥାନ୍ତି । ଶ୍ରୀ କୃଷ୍ଣଙ୍କ ଅବତାର ରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅନେକ ଚ଼ମତ୍କାର କରିବା ଦେଖାଯାଇଛି ।ଜେଲ ର କବାଟ ଆପେ ଆପେ ଖୋଲି ଯାଉଛି । ପ୍ରଭୁ ଶ୍ରୀ କୃଷ୍ଣ ଜନ୍ମ ହେବା ସମୟ ରେଜେଲ ର ଜଗୁଆଳ ଙ୍କୁ ନିଦ ଘାରିଛ ।ମାତା ଦେବକୀ ଓ ବାସୁଦେବଙ୍କ ହାତ ଓ ଗୋଡ ରେ ବନ୍ଧା ଯାଇଥିବା ଲୁହା ଶିକୁଳି ଖୋଲି ଯାଇଛି । ବଢ଼ି ଆସିଥିବା ଜମୁନା ପାଣି ଦୁଇଭାଗ ହୋଇ ବସୁଦେବ ଙ୍କୁ ରାସ୍ତା ଦେଇଛି ଏବଂ ବସୁଦେବ ସଫଳ ଭାବରେ ଭଗବାନ ଶ୍ରୀ କୃଷ୍ଣ ଙ୍କୁ ନନ୍ଦ ରାଜା ଙ୍କ ଘରେ ଛାଡି ପାରିଛନ୍ତି ଓ ନନ୍ଦ ଓ ଯଶୋଦା ଙ୍କ ଝିଅ କୁ ନେଇ ଆସିପାରିଛନ୍ତି । ଏହା ପରେ ବିଭିନ୍ନ ରାକ୍ଷସ ଓ ରାକ୍ଷାସୀଙ୍କ ର ନନ୍ଦ ଗାଁ କୁ ଆକ୍ରମଣ ଓ ଏହି ଆକ୍ରମଣ କୁ ଅସଫଳ କରି ପାରିବା ସମସ୍ତ ଚ଼ମତ୍କାର ଅଟେ ।ଭଗବାନ ଶ୍ରୀ କୃଷ୍ଣ ଙ୍କ ମହିମା କୁ ବର୍ଣ୍ଣନା କରିବା ବା ଭଗବାନ ଶ୍ରୀ କୃଷ୍ଣ ଙ୍କୁ ବୁଝିବା ପାଇଁ ସାଧାରଣ ମଣିଷ ର ମସ୍ତିଷ୍କ ରେ ଶକ୍ତି ନାହିଁ । କୃଷ୍ଣ ପକ୍ଷର ଅଷ୍ଟମୀ ଦିନ ରାତିରେ ଭଗବାନ ଶ୍ରୀ କୃଷ୍ଣ ଜନ୍ମ ହୋଇଛନ୍ତି ।ଜନ୍ମ ହେବା ପରେ ପରେ ହିଁ ଭଗବାନ ଶ୍ରୀ କୃଷ୍ଣଙ୍କୁ ମାରିବା ପାଇଁ ଉଦ୍ୟମ ହୋଇଛି । ପୁତନା ରାକ୍ଷାସୀ ପ୍ରଥମେ ଚେଷ୍ଟା କରିଛି ଭଗବାନ ଙ୍କୁ ମୃତ୍ୟୁ ମୁହଁ କୁ ଠେଲିଦେବା ପାଇଁ କିନ୍ତି ଜନ୍ମ ଓ ମୃତ୍ୟୁ ଯାହାର ଖେଳ ଘର ତାକୁ ମୃତ୍ୟୁ ର ଭୟ ଦେଖାଇବା ସହଜନୁହେଁ ।ଭଗବାନ ନିଜ ଲିଳା ସହିତ ମାନବ ସମାଜ କୁ ଜୀବନ ର ଦର୍ଶନ ପଢ଼ାଇଛନ୍ତି ।ହିନ୍ଦୁ ଧର୍ମ ର ଧର୍ମ ଗ୍ରନ୍ଥ ଶ୍ରୀମଦ ଭଗବତ ଗୀତା ଭଗବାନ ଶ୍ରୀ କୃଷ୍ଣଙ୍କ ମୁଖ ର ବାଣୀ । ଭଗବାନ ଶ୍ରୀକୃଷ୍ଣ ମହାନ ଚ଼ରିତ୍ର କୁ ଆମେ ଭାଗବତମ ଓ ମହାଭାରତ ର ପୃଷ୍ଠା ରେ ପାଇ ଥାଉ । ପଞ୍ଚୁ ପାଣ୍ଡବ ଓ ଦ୍ରୋପଦୀ ଙ୍କୁ ସବୁବେଳେ ଭଗବାନ ଶ୍ରୀ କୃଷ୍ଣଙ୍କ ସାହାଯ୍ୟ ମିଳିଛି । ଯୋଗ ଓ ତ୍ୟାଗ ଦୁଇଟି ଯାକ ର ସମନ୍ୱୟ ହେଉଛନ୍ତି ଭଗବାନ ଶ୍ରୀ କୃଷ୍ଣ । ଶତାବ୍ଦୀ ଶତାବ୍ଦୀ ଧରି ଯୋଗୀ ଓ ସନ୍ୟାସୀ ଭଗବାନ ଶ୍ରୀ କୃଷ୍ଣ କୁ ଉପାସନା କରିଛନ୍ତି । କୃଷ୍ଣ ଙ୍କ ସାନ୍ନିଧ ପାଇବା ପାଇଁ ଚ଼ାହିଁଛନ୍ତି ।

ଭଗବାନ ଶ୍ରୀ କୃଷ୍ଣ ଭାରତୀୟ ସଂସ୍କୃତି ର ଯେପରି ମେରୁଦଣ୍ଡ ।ବୃନ୍ଦାବନ ର ସରଳ ଜୀବନ ଯାପନ,ମଥୁରା ରେ କଂସ ଓ ଅନ୍ୟ ରାକ୍ଷସଙ୍କୁ ଦମନ କରିବା,ଜରାସନ୍ଧର ବାରମ୍ବାର ଆକ୍ରମଣ ରୁ ମଥୁରା ବାସୀଙ୍କୁ ସୁରକ୍ଷା ଦେବାପାଇଁ ଦ୍ୱାରକା ର ସ୍ଥାପନ କେବଳ ଭଗବାନ ଶ୍ରୀ କୃଷ୍ଣ ଙ୍କ ଦ୍ୱାରା ସମ୍ଭବ ।

ଶ୍ରୀ କୃଷ୍ଣ ଙ୍କ ଅବତାର କୁ ଏକ ସମ୍ପୂର୍ଣ୍ଣ ଅବତାର ମଧ୍ୟ କୁହାଯାଏ ।ମହାଭାରତ ର ଯୁଦ୍ଧ ଭୂମି ରେ ବିଚ଼ଳିତ ଅର୍ଜୁନ ଙ୍କୁ ବୁଝାଇବା ପାଇଁ ୧୮ ଅଧ୍ୟାୟ ଭାଗବତ ଗୀତା ର ବ୍ୟାଖ୍ୟା କେବଳ ଭଗବାନ ଶ୍ରୀ କୃଷ୍ଣ ଙ୍କ ଦ୍ୱାରା ସମ୍ଭବ ।

ଶେଷ ରେ ଭଗବାନ ଶ୍ରୀ କୃଷ୍ଣ ଅର୍ଜୁନ କୁ କହିଛନ୍ତି ଯେ 'ଯଥା ଇଛା ତଥା କୁରୁ' ଏହାର ଅର୍ଥ ହେଲା ଏସବୁ ଶୁଣିଲା ପରେ ଯାହା ତୁମର ଇଚ୍ଛା ତାହା କର । ଅର୍ଜୁନ ଶ୍ରୀ କୃଷ୍ଣ ଙ୍କ ବିଶ୍ୱ ରୂପ ଦର୍ଶନ ସହିତ ନିଜର ନଗନ୍ୟ ଅସ୍ତିତ୍ୱ କୁ ବୁଝିଛନ୍ତି ଏବଂ ଭଗବାନ କୃଷ୍ଣଙ୍କୁ ଅର୍ଜୁନ କ୍ଷମା ମାଗିଛନ୍ତି ଓ କହିଛନ୍ତି ଯେ ସଖା ଭାବ ରେ ଅନେକ ସମୟ ରେ ଆପଣଙ୍କୁ ଅନେକ କିଛି କହିଛି, ଆପଣ ଯେ ଏତେ ମହାନ ଆଜି ମୁ ଜାଣୁଛି ।ଆପଣଙ୍କ ମହିମା ସାଧାରଣ ଲୋକଙ୍କୁ ଅଗୋଚ଼ର ।ଏହା ପରେ ମହାଭାରତ ଓ ଯୁଦ୍ଧ ପାଇଁ ଅର୍ଜୁନ ପ୍ରସ୍ତୁତ ହୋଇଛନ୍ତି । ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ କୁ ସମଗ୍ର ଭାରତ ରେ ବେଶ୍ ହର୍ଷ ଉଲ୍ଲାସ ରେ ପାଳନ କରାଯାଏ । ପୁରୀ ରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଙ୍କୁ ଜନ୍ମାଷ୍ଟମୀ ଅବସର ରେ ସ୍ନାନ କରାଯାଏ ଏବଂ ନୂତନ ବସ୍ତ୍ର ପିନ୍ଧା ଯାଏ ।ଶ୍ରୀ କୃଷ୍ ଙ୍କ ର ବାଳ ଲୀଳା କୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମ ରେ ପରିବେଶଣ କରାଯାଏ ।

ଜନ୍ମାଷ୍ଟମୀ ଦିନ ପ୍ରାୟ ଭକ୍ତମାନେ ଉପବାସ କରିଥାନ୍ତି । ରାତି ରେ ଶ୍ରୀ କୃଷ୍ଣ ଙ୍କୁ ପୂଜା କରି ପ୍ରସାଦ ସେବନ କରିଥାନ୍ତି । ଜନ୍ମାଷ୍ଟମୀ ପର ଦିନ ନନ୍ଦ ଉତ୍ସବ ହୁଏ । ପ୍ରତ୍ୟେକ ଙ୍କ ଘରେ ଉତ୍ସବ ମୁଖରିତ ହୋଇଥାଏ ।

କାଳିଦାସ,
ବ୍ରହ୍ମପୁର
ଖୋଡାସିଂଙ୍ଗ କଳିଙ୍ଗନଗର,

# ତିନ୍ତିବା ଦେଖି ଜଗନ୍ନାଥ..

'ଯଦା ଯଦାହି ଧର୍ମସ୍ୟ ଗ୍ଲାନିଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାନାର୍ଥାୟ ସମ୍ଭବାନି ଯୁଗେ ଯୁଗେ ।'



ପୁଷ୍ପମିତ୍ର ମହାପାତ୍ର

ଧର୍ମର ପ୍ରତିଷ୍ଠା ପାଇଁ ସାଧୁମାନଙ୍କ ରକ୍ଷଣ ନିମିତ୍ତ ଯୁଗେ ଯୁଗେ ମହାପୁରୁଷ ବିଭିନ୍ନ ରୂପରେ ଧରାବତାରଣ କରି ତାଙ୍କ ଆଶ୍ରିତଜନଙ୍କୁ ରକ୍ଷା କରିଥାନ୍ତି । କିମ୍ବଦନ୍ତୀର ପୌରାଣିକ କାହାଣୀ ଅନୁଯାୟୀ ଦ୍ୱାପର ଯୁଗରେ ଆର୍ବିଭାବ ହୋଇଥିଲେ ମହାପ୍ରଭୁ ଶ୍ରୀକୃଷ୍ଣ । ପ୍ରଚଣ୍ଡ ବର୍ଷାରେ ଯମୁନାର ଦୁଇ କୂଳକୁ ପ୍ରବହମାନ ଧାରା ଭିତରେ ଘନ ବିଜୁଳିର ଚମକ ଓ ବାରିଧାରାର ଗର୍ଜନକୁ ଭୟ ନକରି ବସୁଦେବ ମୁଣ୍ଡରେ ବୋହି ନେଉଥିଲେ ପ୍ରେମମୟ ଶ୍ରୀକୃଷ୍ଣଙ୍କୁ । ଭାଗବତ୍‌କାର ଜଗନ୍ନାଥ ଦାସ ଲେଖିଛନ୍ତି 'ତିନ୍ତିବା ଦେଖି ଜଗନ୍ନାଥ ଫଣାରେ ଢ଼ାଙ୍କିଲା ଅନନ୍ତ' ସେହିପରି ଭାଗବତ୍‌ରେ ଉଲ୍ଲେଖ ରହିଛି 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ' । ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳାତ ଯୁଗାତିତ । ଜନ୍ମାଷ୍ଟମୀ ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବର ମହାପାର୍ବଣ । ଭାଗବତକାର ଶ୍ରୀକୃଷ୍ଣଙ୍କ ଜନ୍ମକୁ ଅର୍ଦ୍ଧରାତ୍ର ବୋଲି ବର୍ଣ୍ଣନା କରିଛନ୍ତି । କୃଷ୍ଣପକ୍ଷ ଅଷ୍ଟମୀର ଅର୍ଦ୍ଧଚନ୍ଦ୍ର ଆକାଶରେ ଉଇଁ ଉଠିଲାବେଳେ ଦେବକୀ ଗର୍ଭରୁ ଜନ୍ମନେଇ ଶିଶୁ ଶ୍ରୀକୃଷ୍ଣ ଭୂମିସ୍ପର୍ଶ କରିଥିଲେ ବୋଲି ବର୍ଣ୍ଣିତ । ସୁସଜ୍ଜିତ ଆସନ ଉପରେ କୃଷ୍ଣମୂର୍ତ୍ତି ଭକ୍ତର ମନକୁ ହରଣ କରିଥାଏ । ଭକ୍ତ ଭାବବିହ୍ୱଳ ହୋଇ ମନେକରେ ସତେଯେପରି ଆଜି ସେହି ଶିଶୁକୁ ପାଇବାକୁ ପାଗଳ୍ । ଏ ଯେଉଁ ଭାବପ୍ରବଣତା ସୃଷ୍ଟି ହୁଏ ତାହା ହିଁ ଜନ୍ମାଷ୍ଟମୀ ପର୍ବର ସାମାଜିକ ଓ ଆଧାତ୍ମିକ ମୂଲ୍ୟବୋଧ । ଜନ୍ମାଷ୍ଟମୀରେ ଉପବାସ କଲେ ବହୁତ ତପର ଫଳ ମିଳେ ବୋଲି ବର୍ଣ୍ଣିତ – 'ରବୀନ୍ଦୁ ରାହୁ, ହରିଜନ୍ମ କଳେ, ହରିବାସରେ ବା ପ୍ରାଣପ୍ରୟାଣେ, କନ୍ୟା ପ୍ରଦାନେ ଦ୍ୱିଜଭକ୍ତି ଦାନେ, ଅନ୍ନଂ ଚ ଗର୍ଭଂ ନରକଂ ପ୍ରୟାତି ।' ବର୍ଷର ବାର ମାସ ଭିତରେ ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ । ଭାଗବତ କହେ ଶ୍ରୀକୃଷ୍ଣ ଜନ୍ମଦିନ ପ୍ରଚଣ୍ଡ ଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଥାଏ । ତେଣୁ ଜନ୍ମାଷ୍ଟମୀରେ ଅଦ୍ୟାବଧି ମଧ୍ୟ ବର୍ଷା ହୁଏ ବୋଲି ଲୋକ ବିଶ୍ୱାସ ରହିଛି । ଜନ୍ମାଷ୍ଟମୀ ଦୁଇଦିନ ପାଳନ କରାଯାଇଥାଏ । ଓଡ଼ିଶାରେ ଥିବା ଗୌଡ଼ୀୟ ବୈଷ୍ଣବ ମାନେ ଜନ୍ମାଷ୍ଟମୀର ପରଦିନକୁ ନନ୍ଦ ଉତ୍ସବ ଦିବସ ରୂପେ ପାଳନ କରନ୍ତି । ଜନ୍ମାଷ୍ଟମୀ ଗଭୀର ରଜନୀରେ ବସୁଦେବ ନନ୍ଦପୁରରେ ଶ୍ରୀକୃଷ୍ଣଙ୍କୁ ରଖିଆସିବା ପରେ ପରଦିନ ନନ୍ଦପୁରରେ ପୁତ୍ର ଜାନ୍ମୋତ୍ସବ ପାଳନ କରାଯାଇଥିଲା । ଏହି ଖୁସି ଓ ଆନନ୍ଦର ମହାପାର୍ବଣ ସଂପ୍ରତି ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ମଠ, ମନ୍ଦିର ଓ ଶ୍ରୀକୃଷ୍ଣଙ୍କ ଲୀଳାକ୍ଷେତ୍ର ସହ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥାଏ । ସଂପ୍ରତି ମଣିଷର ମୂଲ୍ୟବୋଧ ଦିନକୁ ଦିନ କ୍ଷୟମୁଖୀ ହେଉଥିବାବେଳେ ସବୁଠି ଭାତୃତ୍ୱର ବନ୍ଧନୀ ଓ ପ୍ରେମର ପାର୍ବଣ ଲୋଡ଼ା । ସମସ୍ତଙ୍କ ଭିତରେ ସମସ୍ତଙ୍କୁ ଭଲପାଇବା ଓ ସମସ୍ତଙ୍କ ପାଇଁ ସେବା କରିବାର ଭାବନା ଚିନ୍ତା ଓ ଚେତନା ଅଙ୍କୁରିତ ହେଉ । ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣାତିତ, ପୂର୍ଣ୍ଣମୟ ଓ ପ୍ରେମମୟ । ତାଙ୍କରି ବାଣୀ, ତାଙ୍କରି ଜୀବନ ସମସ୍ତଙ୍କ ଜୀବନକୁ ଦିବ୍ୟମୟ କରୁ ।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ*
*କଟକ*

# ଭାଗବତରେ ଶ୍ରୀକୃଷ୍ଣଙ୍କ ଜୀବନୀ ଓ ଭଗବାନଙ୍କ ଜନ୍ମର କାରଣ



ଅଲେଖ ଚନ୍ଦ୍ର ସାମଲ

ଶ୍ରୀମଦ୍ ଭାଗବତର ଦଶମ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଗାଥା ବର୍ଣ୍ଣିତ । ଏହି ଅଧ୍ୟାୟ ଆରମ୍ଭରେ ରାଜା ପରୀକ୍ଷିତ ମହାମୁନି ଶୁକଦେବଙ୍କୁ କହୁଛନ୍ତି, ଗୁରୁଦେବ! ଆପଣ ମୋତେ ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ ଆଦି ସମ୍ପର୍କରେ ଅନେକ କଥା କହିଲେ । ଏବେ ମୁଁ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନୀ ବିସ୍ତୃତ ଭାବେ ଜାଣିବାକୁ ଚାହୁଁଛି । ସେହି ଭଗବାନ ଶ୍ରୀକୃଷ୍ଣଙ୍କ କୃପାରୁ ମୋର ପୂର୍ବଜମାନେ ମହାଭାରତ ଯୁଦ୍ଧରେ ବିଜୟୀ ହୋଇଥିଲେ । ମୁଁ ମଧ୍ୟ ମାତାଙ୍କ ଗର୍ଭରେ ଥିବା ସମୟରେ ବାସୁଦେବଙ୍କ କୃପା ଲାଭ କରିବାରେ ସକ୍ଷମ ହୋଇଛି । ଭଗବାନଙ୍କ ଯୋଗୁଁ ହିଁ ମୁଁ ଜୀବନଦାନ ପାଇଁ ଏ ପୃଥିବୀକୁ ଆସିପାରିଛି । ମାତାଙ୍କ ଗର୍ଭରେ ଥିବା ସମୟରେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରଭାବରେ ମୋର ମୃତ୍ୟୁ ଘଟିଥିଲା । ଭଗବାନ ଶ୍ରୀକୃଷ୍ଣ ହିଁ ମୋତେ ଜୀବନଦାନ ଦେଇଥିଲେ । ଏହି କାରଣରୁ ମୁଁ ଭଗବାନଙ୍କ ଜୀବନ କାହାଣୀ ଶୁଣିବାକୁ ଚାହୁଁଛି । ହେ ମହାତ୍ମା! ଦୟାକରି ମୋ ପ୍ରତି ଏତିକି କୃପା କରନ୍ତୁ । ମୁଁ ଆପଣଙ୍କ ଠାରୁ ଭଗବାନଙ୍କ ପବିତ୍ର ଜୀବନ ବିଷୟରେ ଜାଣି ତୃଷ୍ଣା ମେଣ୍ଟାଇବାକୁ ଚାହୁଁଛି ।

ଭଗବାନଙ୍କ ପ୍ରତି ପରୀକ୍ଷିତଙ୍କ ଭକ୍ତି ଦେଖି ମହାତ୍ମା ଶୁକଦେବ ଆନନ୍ଦିତ ହେଲେ । ସେ କହିଲେ, ପୃଥିବୀରେ ଦୁଷ୍ଟମାନଙ୍କ ଉପଦ୍ରବ ବୃଦ୍ଧି ପାଇଲେ, ମନୁଷ୍ୟ ଧର୍ମର ମର୍ମ ଭୁଲିଗଲେ, ଅଧର୍ମର ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ନିମନ୍ତେ ଭଗବାନ ଅବତାର ନେଇଥାନ୍ତି । ଏହିପରି ଦିନେ ପୃଥିବୀରେ ପାପର ଭାର ବୃଦ୍ଧି ପାଇଲା । ଦୁଷ୍ଟଶକ୍ତିମାନେ ସୀମା ଲଙ୍ଘନ କଲେ । ଏଭଳି ପରିସ୍ଥିତିରେ ବ୍ରହ୍ମା, ରୁଦ୍ର ଆଦି ଦେବଗଣ ଭଗବାନ ବିଷ୍ଣୁଙ୍କୁ ପୁରୁଷସୁକ୍ତ ମାଧ୍ୟମରେ ବନ୍ଦନା କଲେ । ଦେବଗଣଙ୍କ ପ୍ରାର୍ଥନା ଶୁଣି ଭଗବାନ କହିଲେ, ପୃଥିବୀ ବାସୀଙ୍କ ପୀଡ଼ା ସମ୍ବନ୍ଧରେ ମୁଁ ଅବଗତ । ଖୁବ୍ ଶୀଘ୍ର ମୁଁ ଯଦୁବଂଶରେ ଅବତାର ନେବି । ଏହି ସମୟରେ ମୁଁ ପୃଥିବୀବାସୀଙ୍କ ସମସ୍ତ କଷ୍ଟ ଦୂର କରିବି । ମୋର ଜନ୍ମ ସମୟରେ ଅନ୍ୟ ଦେବତାମାନେ ମଧ୍ୟ ଯଦୁବଂଶରେ ଜନ୍ମ ନେଇ ମୋର ମାନବୀୟ ଲୀଳାରେ ସହାୟତା କରିବେ । ଏପରିକି ଯୋଗମାୟା ମଧ୍ୟ ମନୁଷ୍ୟ ରୂପରେ ଜନ୍ମ ନେଇ ଆପଣଙ୍କ ସହିତ ମାନବୀୟ ଲୀଳା କରିବେ । ଭଗବାନଙ୍କ ଠାରୁ ପ୍ରତିଶ୍ରୁତି ଲାଭ କରି ସମସ୍ତ ଦେବଗଣ ସ୍ୱଧାମକୁ ଫେରିଯାଇଥିଲେ ।

ଧର୍ମର ବିନାଶ ହେଉଥିବା ସମୟରେ, ଅଧର୍ମର ପ୍ରଭାବ ବଢୁଥିବା ସମୟରେ, ଧର୍ମ ପ୍ରତିଷ୍ଠା ନିମନ୍ତେ, ସାଧୁମାନଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ, ଅଧର୍ମୀଙ୍କ ବିନାଶ ନିମନ୍ତେ ଈଶ୍ୱର ଜନ୍ମ ନେଇଥାନ୍ତି । ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ ଏକଥା ଶ୍ରୀମଦ୍ ଭାଗବତ ଗୀତାରେ କହିଛନ୍ତି । ଭଗବାନ ଅନେକ ଥର ଜନ୍ମ ନେଇଛନ୍ତି । ଅନେକ ରୂପରେ, ବିଭିନ୍ନ ସମୟରେ, ବିଭିନ୍ନ କାଳରେ ତାଙ୍କର ଜନ୍ମ ହୋଇଛି । ଦ୍ୱାପର ଯୁଗରେ ମଧ୍ୟ ସେ ଜନ୍ମ ନେଇଥିଲେ । ତାଙ୍କର ଜୀବନକାଳରେ ସମଗ୍ର ସଂସାରରେ ଏକ ବ୍ୟାପକ ପରିବର୍ତ୍ତନ ହୋଇଥିଲା । ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ମଧ୍ୟ ରାତ୍ରରେ ଅତ୍ୟାଚାରୀ କଂସର ବିନାଶ ନିମନ୍ତେ ମଥୁରାରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଭଗବାନ ସ୍ୱୟଂ ଏହି ତିଥିରେ ଜନ୍ମ ନେଇଥିବାରୁ ଏହି ଦିବସକୁ କୃଷ୍ଣ ଜନ୍ମାଷ୍ଟମୀ ବା ଜନ୍ମାଷ୍ଟମୀ କୁହାଯାଇଥାଏ । ଅର୍ଦ୍ଧରାତ୍ରୀରେ ଶ୍ରୀକୃଷ୍ଣ ଜନ୍ମ ନେଇଥିବାରୁ ରାତ୍ରୀ ସମୟରେ ହିଁ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥାଏ । ଶ୍ରୀକୃଷ୍ଣଙ୍କୁ ଭକ୍ତଗଣ ରାସରସିୟା, ଲୀଳାଧର, ଦେବକୀନନ୍ଦନ, ଗିରିଧର ଭଳି ହଜାର ହଜାର ନାମରେ ଜାଣନ୍ତି । ଶ୍ରୀକୃଷ୍ଣ ଭଗବାନଙ୍କ ମୁଖନିସୃତ ବାଣୀ ଗୀତା ରୂପରେ ସମଗ୍ର ସନାତନ ଧର୍ମାବଲମ୍ବୀଙ୍କ ପାଇଁ ପଥପ୍ରଦର୍ଶକ ସାଜିଛି । କୃଷ୍ଣ ଜନ୍ମାଷ୍ଟମୀ ଭଗବାନଙ୍କ ଜନ୍ମ ଦିବସ ରୂପରେ ପ୍ରସିଦ୍ଧ । ଶାସ୍ତ୍ର କୁହେ, ଏହି ଦିନ ଶ୍ରୀକୃଷ୍ଣଙ୍କ କୃପା ଲାଭ ହେଲେ ମନୁଷ୍ୟର ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ମନୁଷ୍ୟ ଜୀବନରେ ସବୁ ସମସ୍ୟା ଦୂର ହୋଇଯାଇଥାଏ ଏବଂ ଭଲ ସମୟ ଆରମ୍ଭ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣଙ୍କ କୃପା ଲାଭ ନିମନ୍ତେ ଜନ୍ମାଷ୍ଟମୀ ଦିନ ଅତ୍ୟନ୍ତ ଶୁଭ । ଏହି ଦିନ ଭଗବାନ କୃଷ୍ଣଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରାଯିବା ଆବଶ୍ୟକ । ଏ ସୃଷ୍ଟିରେ ମନୁଷ୍ୟ ଜୀବନ ସବୁଠୁ ସୁନ୍ଦର ତଥା ସର୍ବୋତ୍ତମ । ମାନବ ଜୀବନରେ ଆନନ୍ଦ ଅନୁଭବ କରିବା ଲାଗି ସମୟ ସମୟରେ ଈଶ୍ୱର ମନୁଷ୍ୟ ରୂପରେ ଅବତାର ଧାରଣ କରିଥାନ୍ତି । ଭଗବାନ ବିଷ୍ଣୁଙ୍କ ଅନେକ ଅବତାର ମଧ୍ୟରୁ ଶ୍ରୀକୃଷ୍ଣଙ୍କ ଅବତାର ଅନନ୍ୟ । ସେ ଏହି ଜନ୍ମରେ ଧର୍ମ ପ୍ରତିଷ୍ଠା କରିବା ସହ ଯୁଗ ଯୁଗ ପାଇଁ ମନୁଷ୍ୟ ସମାଜକୁ ଧର୍ମର ମାର୍ଗ ଦେଖାଇ ଦେଇଯାଇଛନ୍ତି ।

ଜନ୍ମାଷ୍ଟମୀ ହିନ୍ଦୁମାନଙ୍କର ଏକ ପ୍ରିୟ ଉତ୍ସବ । ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବଟି ଅନୁଷ୍ଠିତ ହୋଇଥାଏ । ପ୍ରବଳ ପ୍ରତାପୀ କଂସକୁ ମାରିବା ପାଇଁ ଏହିଦିନ ଭଗବାନ ଶ୍ରୀକୃଷ୍ଣ ମର୍ତ୍ତ୍ୟପୁରରେ ଅବତାର ଗ୍ରହଣ କରିଥିଲେ । ବୈଷ୍ଣବମାନଙ୍କର ଏହା ଏକ ଅତିପ୍ରିୟ ପର୍ବ । ଏଥିପାଇଁ ପ୍ରତ୍ୟେକ ଧର୍ମବିଶ୍ୱାସୀ ହିନ୍ଦୁକୁ ବ୍ରତ ଧାରଣ କରିବାକୁ ପଡ଼ିଥାଏ । ସାରାଦିନ ନିର୍ଜଳା ଉପବାସ ରହି ଏହି ପର୍ବ ପାଳନ କରାଯାଏ । ଶେଷରେ ଶ୍ରୀକୃଷ୍ଣ ଜନ୍ମକଥା ଶୁଣି ତାଙ୍କର ଉପଯୁକ୍ତ ପୂଜାବିଧାନ କରି ଓ ପ୍ରସାଦ ସେବନ କରାଯାଏ । ଏହି ଭଗବତ୍ କଥା କଳିଯୁଗରେ ଏକମାତ୍ର ମୁକ୍ତିର ମାର୍ଗଦର୍ଶନ କରାଇଥାଏ । କାଳରୂପକ ସର୍ପର ବିଷକୁ ଦୂର କରିବା ପାଇଁ ଶ୍ରୀକୃଷ୍ଣଙ୍କ କଥା ଯେତେ ସାମର୍ଥ୍ୟ ଅଛି ଅନ୍ୟ କାହାର ଆଉ ନାହିଁ ବୋଲି ସାଧାରଣ ବିଶ୍ୱାସ ଥିଲା । ଭଗବାନ ଶ୍ରୀବିଷ୍ଣୁ ସାଧୁମାନଙ୍କ ପରିତ୍ରାଣ, ଦୁଷ୍କୃତ ମାନଙ୍କ ବିନାଶ ତଥା ଧର୍ମ ସଂସ୍ଥାପନ ନିମିତ୍ତ ଯୁଗେ ଯୁଗେ ଅବତରଣ କରନ୍ତି ଧରାପୃଷ୍ଠକୁ – 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' । ନିଜମାୟା ଦ୍ୱାରା ଅବତାରୀ ପୁରୁଷ ନିଜକୁ ସୃଷ୍ଟି କରନ୍ତି 'ସମ୍ଭବାମି ଆତ୍ମମାୟାୟା' ଓ ତାଙ୍କ କ୍ରିୟାକଳାପ ସବୁ ଦିବ୍ୟତ୍ୱ ସମ୍ପନ୍ନ 'ଜନ୍ମ କର୍ମଚ ମେ ଦିବ୍ୟଂ' । ଅବତାର, ଅଂଶାବତାର ଓ ଅଂଶାଂଶଅବତାର ଭାବେ ବିଦିତ ହୋଇଥାଏ । ଏସବୁ ସମୟ ଓ ପରିସ୍ଥିତି ଅନୁସାରେ ଗୁରୁତ୍ୱହେତୁ ଗୁଣାବତାର, କଳ୍ପାବତାର, ମନ୍ୱନ୍ତରାବତାର, ଜ୍ଞାନାବତାର, କ୍ରିୟାବତାର, ଲୀଳାବତାର ଭାବେ ରୂପାନ୍ତରଣ ହେବାକୁ ପଡ଼ିଥାଏ । ତ୍ରେତୟାଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଅତ୍ୟଧିକ ଦୁଃଖକଷ୍ଟରେ ମର୍ମାହତ ହେତୁ ଦ୍ୱାପରଯୁଗରେ ଦୁଷ୍ଟଦଳନ ତଥା ସଂସାରର ନୀତିଶିକ୍ଷା ଦେବାକୁ ଲୀଳାବତାର ସ୍ୱରୂପ ଧାରଣ କରିଥିଲେ ।

ବୟସ ଏବଂ ଲିଙ୍ଗ ନିର୍ବିଶେଷରେ ସମସ୍ତ ଧର୍ମବିଶ୍ୱାସୀ ହିନ୍ଦୁ ଏହି ପର୍ବକୁ ପାଳନ କରିନ୍ତି । ଷଡ଼ଜୟନ୍ତୀ ମଧ୍ୟରୁ ଏହା ଏକ ଅନ୍ୟତମ ଜୟନ୍ତୀ । ପଞ୍ଚଦେବ ପୂଜା ପରଶିରାରେ ପ୍ରତିଷ୍ଠିତ ଏହି ଷଡ଼ ଜୟନ୍ତୀ ମଧ୍ୟରୁ ବୈଷ୍ଣବମାନଙ୍କ ଜୟନ୍ତୀ ଭାବରେ ଏହି ଜନ୍ମାଷ୍ଟମୀ ଭାରତୀୟ ଧର୍ମଧାରାରେ ପ୍ରତିଷ୍ଠା ଲାଭ କରିଛି । ନିଜର ମନୋବାଞ୍ଛିତ ଫଳ ଲାଭ ପାଇଁ ଉପାସକ ଏହି ଉତ୍ସବରେ ବ୍ରତଧାରଣ କରିଥାଏ । ଏହାର ପରଦିନ ନନ୍ଦୋତ୍ସବ ପଡ଼େ । କାରଣ ଯଶୋଦାଙ୍କ କୋଳରେ ଜନ୍ମଲାଭ କରିଥିବା ଶ୍ରୀକୃଷ୍ଣଙ୍କ ଖେଳିବାର ଦୃଶ୍ୟ ଗୋପପୁରରେ ସମସ୍ତେ ତା'ପରଦିନ ଉପଲବ୍ଧି କରିଥିଲେ । ନାନା ଉତ୍ସବ ଗୋପପୁରରେ ଆୟୋଜିତ ହୋଇଯାଇଥିଲା । ପୁତ୍ର କଷ୍ଟରେ ସନ୍ତାପିତ ନନ୍ଦ ଆନନ୍ଦାଶ୍ରୁ ନିଗାଡ଼ି ନବଜାତ ଶିଶୁପୁତ୍ରକୁ କୋଳରେ ଧାରଣ କରି । ଆହା ମୋ ନନ୍ଦ କୋଳେ ଗୋବିନ୍ଦର ଐକାବଦ୍ଧ ସଙ୍ଗୀତଗାନରେ ଗୋପବାସୀମାନେ ବିହ୍ୱଳିତ ହୋଇପଡ଼ିଥିଲେ । ପୁରାଣ ବର୍ଣ୍ଣିତ ଏହି ପର୍ବକୁ ହିନ୍ଦୁମାନେ ବିଶ୍ୱାସ କରନ୍ତି । ଫଳରେ ଆଜି ପର୍ଯ୍ୟନ୍ତ ସେମାନେ ଉକ୍ତ ପର୍ବକୁ ପୁରାଣବର୍ଣ୍ଣିତ ଅନୁଯାୟୀ ପାଳନ କରିଆସୁଛନ୍ତି । ଓଡ଼ିଶାର ପୁରପଲ୍ଲୀରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳନ କରାଯାଏ । ଏହିଦିନ ଲୋକେ ଉପବାସ ରଖିଥାନ୍ତି । ରାତି ୧୨ଟା ପରେ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି । ଏହି ଦିନ ଗାଁର ଭାଗବତ ଟୁଙ୍ଗୀମାନଙ୍କରେ ଅବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ଜନ୍ମାଷ୍ଟମୀ ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ । ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବା ପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି । ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି । ନନ୍ଦୋତ୍ସବ ଦିନ ଗାଁମାନଙ୍କରେ ବିଭିନ୍ନ ସାମାଜିକ ତଥା ଆଧାତ୍ମିକ ସଂସ୍ଥା ତରଫରୁ ବେଶ୍ ଧୂମ୍‌ଧାମରେ ପାଳନ କରାଯାଏ । ସେମାନଙ୍କ ମଧ୍ୟରେ ନନ୍ଦ, ଯଶୋଦା, ଶ୍ରୀକୃଷ୍ଣ ଓ ବଳରାମ ବେଶ ହୋଇ ଗାଁ ଗାଁ ବୁଲି ଏହି ଉତ୍ସବକୁ ମନାଇଥାନ୍ତି ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

# ଦୃଢ଼ ବିଶ୍ୱାସର ଶକ୍ତି



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଦିନକୁ ଦିନ ଏ ଦେହର ବୟସ ବଢ଼େ, ମଣିଷର ମନ ମଧ୍ୟ ଜଟିଳ ହୁଏ । ଏହାକୁ ସଂଯତ କରିବା ଅଧିକ କଷ୍ଟକର ହୋଇପଡ଼େ । ତଥାପି ମଣିଷ ଏଥିପାଇଁ ସାମାନ୍ୟତମ ଚେଷ୍ଟା ବି କରେନାହିଁ । ମଣିଷ ଯେଉଁ ସାଧନା ଆରମ୍ଭ କରେ ତା ସାଧନା ସେଇ ସାଧନାରେ ରହିଯାଏ । କେବଳ ଆବେଦନ ଦ୍ୱାରା ଜୀବନର ବେଦନାକୁ ଦୂର କରିହେବ । ବେଦନା ମୁକ୍ତ ହେବା ପାଇଁ ତୁମ ଅନ୍ତରରେ ଆକୁଳତା ଆସିବା ଦରକାର । ଦାରିଦ୍ର୍ୟ ରୂପକ ଲୁହା ଶିକୁଳି ହେଉ ବା ଧନର ସୁନା ଶିକୁଳି ହେଉ, ଉଭୟେ ମଣିଷକୁ ସଂସାର ସହ ବାନ୍ଧି ଦିଅନ୍ତି । ସଂସାର ବନ୍ଧନ ଛିଣ୍ଡାଇବା ପାଇଁ ତୁମ ହୃଦୟରେ ଦୃଢ଼ ସଂକଳ୍ପ ଆସିବା ଦରକାର । ପିଲାଟିଏ ତା ମାଆ ପାଇଁ ବିକଳ ହୋଇ କାନ୍ଦେ, ବାଛୁରୀ ତା ମାଆକୁ ନ ଦେଖିଲେ ନିରାଶ ହୋଇ ହମ୍ବା ହମ୍ବା କରେ, ଜଣେ ଭୋକିଲା ଭିକାରୀ ମୁଠେ ଭାତ ପାଇଁ ଆକୁଳ ହୁଏ । ଠିକ୍ ସେହିପରି ତୁମେ ଭଗବାନଙ୍କ ପାଇଁ ବ୍ୟାକୁଳ ହୋଇ କାନ୍ଦିବା ଦରକାର । ସଂସାର, ଆସକ୍ତି ଓ ବନ୍ଧନ ଆଉ ସହି ହେଉନାହିଁ, ଅସହାୟ ଲାଗୁଛି । ଏଭଳି ଗୋଟିଏ ଭାବ ସହ ହୃଦୟର ଗଭୀରତାରୁ ସେ ଆକୁଳତା, ସେ ବ୍ୟାକୁଳତା ଉଚ୍ଛୁଳି ଉଠିବା ଦରକାର । ଖାଲି ଗୁଡ଼ାଏ ଆଡ଼ମ୍ବର କରି ପାଟି ତୁଣ୍ଡ କଲେ ବା ଦେଖେଇ ହେଲେ ଭଗବାନ ଆଦୌ ଶୁଣିବେ ନାହିଁ । ସେ କେବଳ ଗଭୀର ଆତ୍ମୀୟତାରେ ବଶ ହୁଅନ୍ତି । ସେଇ ଆତ୍ମୀୟତା ହିଁ ଆତ୍ମାର ପରମାତ୍ମାଙ୍କ ପ୍ରତି ଆହ୍ୱାନ । ପ୍ରଥମେ ବିଶ୍ୱାସ ସ୍ଥାପନ କର । ତାପରେ ଭଗବତ୍ ସମ୍ବନ୍ଧୀୟ ଅନୁଭୂତି ଆସିବ । ପ୍ରଥମେ ଡାକ୍ତର ଓ ଔଷଧକୁ ବିଶ୍ୱାସ କର । ତାପରେ ଔଷଧ ତୁମ ରୋଗ ଭଲ କରିବ । ରୋଗ ଭଲ ହୋଇ ସାରିବା ପରେ ଯାଇ ଡାକ୍ତର ଓ ଔଷଧକୁ ବିଶ୍ୱାସ କରିବ ବୋଲି ଅପେକ୍ଷା କରି ବସ ନାହିଁ । ପହଁରା ଶିଖିବ କେମିତି ? ପାଣିରେ ପଶି ଆଉ ହାତ ଗୋଡ଼ ଛାଟି ପହଁରିବାକୁ ଚେଷ୍ଟା କର, କିମ୍ବା ଗୋଟାଏ ଟାୟାରକୁ ଦେହରେ ବାନ୍ଧି ସାହାସର ସହ ପାଣିରେ ପଶ । ଅର୍ଥାତ୍ ସଂସାର ସାଗରରେ ତୁମକୁ ଭସାଇ ରଖିବାକୁ ଜଣେ ଗୁରୁ ବରଣ କର । ଦକ୍ଷିଣ ଭାରତର ଥଙ୍ଗାଲୁର ଗ୍ରାମରେ ଜଣେ ଲୋକ ରହୁଥିଲା । ତାର ନାମ ଆଦିଗଲ । ସେ ମହାତ୍ମା ଆପ୍‌ପାରଙ୍କ ମହିମା ଶୁଣି ତାଙ୍କ ପ୍ରତି ଅତ୍ୟନ୍ତ ଭକ୍ତିପରାୟଣ ହୋଇ ପଡ଼ିଲା । ତା ପରେ ସେ ଆପ୍‌ପାରଙ୍କ ନାଁରେ ବହୁ ଚଟିଘର ତିଆରି କଲା, ନିଜ ପିଲାମାନଙ୍କୁ ମଧ୍ୟ ସେହି ନାମରେ ନାମିତ କଲା । ସେ ଭାବିଥିଲା ତା ପିଲାଏ ବଡ଼ ହୋଇ ଆପ୍‌ପାରଙ୍କ ଭଳି ମହାପୁରୁଷ ହେବେ । ବହୁ ସ୍ଥାନରେ ଆପ୍‌ପାରଙ୍କ ନାମରେ ବହୁ ଜମି, ଟଙ୍କା ପଇସା ଦାନ କରି ଦାତବ୍ୟ ପାଣ୍ଠି ଖୋଲି ପକାଇଲା । ମାତ୍ର ସେ ପର୍ଯ୍ୟନ୍ତ ଆଦିଗଲ ତା ଗୁରୁଙ୍କୁ ଦେଖି ନଥାଏ । ଦେଖ, ଆଦିଗଲ ତା ଗୁରୁଙ୍କୁ ଆଦୌ କିଛି ନ ଜାଣି କିପରି ବିଶ୍ୱାସ ପରାୟଣ ହୋଇ ପଡ଼ିଲା । ମାତ୍ର ଅନ୍ୟମାନେ ଚାହାନ୍ତି, ଆଗ କିଛି ସ୍ପଷ୍ଟ ଅନୁଭୂତି ପାଇବା ପରେ ଯାଇ ସେମାନେ ବିଶ୍ୱାସ କରିବେ ।ଥରେ ସନ୍ଥ ଆପ୍‌ପାର ଆସି ଥଙ୍ଗାଲୁର ଗ୍ରାମରେ ପହଞ୍ଚିଲେ । ସେଠାରେ ପହଞ୍ଚି ସେ ଦେଖିଲେ ଚାରି ଆଡ଼େ ତାଙ୍କ ନାଁରେ ଚଟିଘର, ଦାତବ୍ୟ ପାଣ୍ଠି ପ୍ରଭୃତି ଖୋଲି ଯାଇଛି । ସେ ଆଶ୍ଚର୍ଯ୍ୟ ହେଲେ । ସେ ଆସିବା ଆଗରୁ ତାଙ୍କ ନାମ ଏଠାରେ କିପରି ବ୍ୟାପି ଯାଇଛି, କିଛି ବୁଝିପାରିଲେ ନାହିଁ । ଆପ୍‌ପାରଙ୍କ କଥା ଶୁଣି ଆଦିଗଲ ତାଙ୍କ ପାଖକୁ ଦୌଡ଼ିଗଲା ଓ ତାଙ୍କୁ ଘରକୁ ଆଣି ରାଜକୀୟ ଢ଼ଙ୍ଗରେ ଖାଦ୍ୟ ପଦାର୍ଥ ଯୋଗାଡ଼ କଲା । ଆଦିଗଲ ତାର ବଡ଼ପୁଅକୁ ଯେତେବେଳେ ବାଡ଼ିରୁ କଦଳୀପତ୍ର କାଟି ଆଣିବାକୁ ପଠାଇଲା, ସେ ସେଠାରେ ସର୍ପାଘାତରେ ପ୍ରାଣ ହରାଇଲା । ମାତ୍ର ଆଦିଗଲ ସେଥିରେ ଟିକେହେଲେ ବିଚଳିତ ନ ହୋଇ ଶବକୁ ଶୁଖିଲା ପତ୍ରରେ ଘୋଡ଼ାଇ ନିଜେ ପତ୍ର ଆଣି ଆସିଲା । ତାପରେ ସେ ଯେତେବେଳେ ଗୁରୁଙ୍କ ସେବାପୂଜା କରିବାକୁ ବାହାରିଲା, ସେତେବେଳେ ଆପଣାର ସବୁ ପୁଅ ଝିଅଙ୍କୁ ପାଖରେ ବସାଇବା ପାଇଁ ଗୁରୁ ଖୋଜିଲେ । ଆଦିଗଲ ଗୁରୁଙ୍କ ଆଦେଶରେ ତାର ପିଲାମାନଙ୍କୁ ଡାକିଲା । ମୃତ ବଡ଼ ପୁଅ ମଧ୍ୟ ତା'ଡାକରେ ଉଠି ଆସିଲା । ସେ ମଧ୍ୟ ଅନ୍ୟ ମାନଙ୍କ ସହିତ ଗୁରୁଙ୍କ ପାଖରେ ଆସି ବସିଲା । ଆପ୍‌ପାର ଏ ସବୁ ଘଟଣା ଶୁଣିବା ପରେ କହିଲେ, 'ଆଦିଗଲ ତୋ ବିଶ୍ୱାସ ମୋ ଶକ୍ତିଠାରୁ ଅଧିକ । ଗୋଟିଏ ଘର ବାସୋପଯୋଗୀ ହୋଇଛି ବୋଲି ପ୍ରମାଣ ପତ୍ର ଦେଲାବେଳେ ଇଂଞ୍ଜିନିୟର ଘରର ମୂଳଦୁଆ ଶକ୍ତିଶାଳୀ ଓ ଗଭୀର କି ନୁହେଁ ପରୀକ୍ଷା କରି ଦେଖନ୍ତି । ସେହିପରି ଭଗବାନ ମନୁଷ୍ୟର ବିଶ୍ୱାସର ଦୃଢ଼ତା ପରୀକ୍ଷା କରିଥାଆନ୍ତି ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ବିଶ୍ୱ ଜନନୀ ମଦର ଟେରେସା



ଡ଼ଃ.ଅରୁନ୍ଧତୀ ଦେବୀ

ଭାରତ ପରି ସାମ୍ୟ, ମୈତ୍ରୀ, ଶାନ୍ତି ଓ ସମତାର ପବିତ୍ର ପୀଠସ୍ଥଳୀରେ ଭାରତ ବାହାରର ଜଣେ ତଥାକଥିତ ବିଦେଶିନୀ ନିଜ ଜନ୍ମଭୂମି ଯୁଗୋସ୍ଲୋଭିଆର ଆଭିଜାତ୍ୟ ପରିବାରର ସୁଖ ଆନନ୍ଦକୁ ଛାଡ଼ି ମାତ୍ର ବାର ବର୍ଷ ବୟସ ବେଳେ ନିଜ ଜୀବନକୁ ସେବାମୟ ଚିନ୍ତନରେ ଉତ୍ସର୍ଗ କରିବା ପାଇଁ ମିଶନାରୀ ସଂସ୍ଥାରେ ଯୋଗ ଦେଇଥିଲେ । କହିବାକୁଗଲେ କଣ୍ଢେଇ ଖେଳିବାର ବୟସରେ ସେ ସେବାକୁ ନିଜ ଜୀବନର ଧର୍ମଭାବେ ବ୍ରତ ଗ୍ରହଣ କରିଥିଲେ । ଆଉ ସେଇଥିପାଇଁ ୧୯୩୧ମେ ୨୪ ତାରିଖରେ ଦାର୍ଜିଲିଂରେ ପହଞ୍ଚି ସେ ନନ୍‌ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ । ସେହିଦିନ ଠାରୁ ତାଙ୍କର ପିଲାଦିନର ନାମ ଆଗ୍‌ନେସ ଗୋନ୍‌ସ୍କା ବେଜାସୁ ବିସ୍ମୃତି ଗର୍ଭରେ ଲୋପପାଇଲା । ଟେରେସା ନାମରେ ସେ ପରିଚିତ ହେଲେ । ପ୍ରଥମେ ସନ୍ନ୍ୟାସିନୀ ଜୀବନର ବ୍ରତ ଭାବରେ ପ୍ରଥମେ ଏକ କନଭେଣ୍ଟ ସ୍କୁଲର ଶିକ୍ଷୟିତ୍ରୀ ଭାବରେ ପ୍ରାୟ କୋଡିଏ ବର୍ଷ କାଳ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ । ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ । ତେବେ ତାଙ୍କ ମନ ଭିତରେ ଯେପରି କିଏ କହୁଥିଲା ଟେରେସା, ତୁମେ ଚାଲିଆସ ଟେରେସା, ତୁମରି ସ୍ନେହପାଇଁ, ତୁମରି ସେବା ପାଇଁ ଅସଂଖ୍ୟ ଦୀନଦରିଦ୍ର, ଦଳିତ ଦରମଲା ପ୍ରତୀକ୍ଷା କରି ରହିଛନ୍ତି । ସେହି ବାଣୀର ପ୍ରେରଣାରେ ସତକୁ ସତ ଟେରେସା ଚର୍ଚ୍ଚର ସୀମିତ ପରିବେଶ ମଧ୍ୟରୁ ନିଜକୁ ମୁକ୍ତ କରି ଆଉ ଏକ ବ୍ୟାପକତାର ଜୀବନକୁ ବରଣ କରିନେଲେ । ନିରାଶ୍ରୟ ଓ ନିଃସହାୟମାନଙ୍କର ସେବା କରିବା ଉଦ୍ଦେଶ୍ୟରେ ୧୯୪୮ରେ ସେ ପାଟନାକୁ ଚାଲିଗଲେ । ସେଠାରେ ବହୁ କୁଷ୍ଠ ଓ ଯକ୍ଷ୍ମାରୋଗୀଙ୍କର ସେବା କରିବା ପରେ ସେ କଲିକତାକୁ ଫେରିଆସିଲେ । ନିଜେ ଗୋଟିଏ ସେବାସଦନ ନିର୍ମାଣ କରି ମୁମୂର୍ଷୁମାନଙ୍କର ସେବା କରିବା ନିମିତ୍ତ ସେ ନିଜର କର୍ତ୍ତବ୍ୟ ବୋଲି ଜ୍ଞାନ କଲେ । ମୋତିଝିଲର ଏହି ଅନୁଭୂତି ହୁଏତ ତାଙ୍କର ସେବାସଦନକୁ ମୋତିଝିଲରେ ନିର୍ମାଣ କରିବାର ପ୍ରେରଣା ଦେଇଥିଲା । ନଅ ଫୁଟ ଓସାର ଓ ନଅ ଫୁଟ ଲମ୍ବା କୋଠରିକୁ ସେ ପାଞ୍ଚ ଟଙ୍କାରେ ଭଡ଼ା ନେଲେ । ତାହା ହିଁ ହେଲା ତାଙ୍କର ସେବା ଜୀବନର ପ୍ରଥମ କର୍ମପୀଠ । ଅବଶ୍ୟ ଧୀରେ ଧୀରେ ଅବସ୍ଥାର ପରିବର୍ତ୍ତନ ହେବାକୁ ଲାଗିଲା । ଏହି ସମୟରେ ମିସନାରିଜ୍ ଅଫ୍ ଚାରିଟିଜ୍ ପକ୍ଷରୁ ପାକିସ୍ଥାନକୁ ଚାଲିଯାଉଥିବା ଜଣେ ଧନୀ ମୁସଲମାନଙ୍କ ଗୃହ ଏକଲକ୍ଷ ଟଙ୍କାରେ କିଣାଯାଇ ତାହା ଟେରେସାଙ୍କର ବ୍ୟବହାର ପାଇଁ ଦିଆଯାଇଥିଲା ।

ଧୀରେ ଧୀରେ ଟେରେସା ମା'ର ଭୂମିକା ଗ୍ରହଣ କରି ମଦର ଟେରେସା ଭାବରେ ନିଜର କର୍ତ୍ତବ୍ୟପଥରେ ଅଗ୍ରସର ହେବାକୁ ଲାଗିଲେ । ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ, ସଂପ୍ରଦାୟ, ଗୋଷ୍ଠୀ, ମତବାଦ ତଥା ରାଜନୈତିକ ଚିନ୍ତାଧାରା ନିର୍ବିଶେଷରେ ସେ ମଣିଷର ସେବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିଦେଲେ । ପରମଯୋଗକୁ ନିଜ ଜୀବନର ଧର୍ମ ଭାବରେ ସେ ଗ୍ରହଣ କରିଥିଲେ । ମୁମୂର୍ଷୁ ମାନଙ୍କର ପୀଡ଼ିତର ଯନ୍ତ୍ରଣା ତାଙ୍କ ଛାତିକୁ କ୍ଷତ ବିକ୍ଷତ କରିପକାଉଥିଲା । କେବଳ ମଣିଷ ଜାତିର ସେବା ପାଇଁ ସେ ତାଙ୍କ ଐଶ୍ୱର, କାରୁଣ୍ୟ ଓ ଯୌବନକୁ ସମର୍ପଣ କରିଦେଇଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମାନବ ଜାତିର ସେବା ପାଇଁ ସେ ଉଦ୍‌ବିଗ୍ନ ରହୁଥିଲେ । ଭାରତ ସରକାର ତାଙ୍କୁ ୧୯୮୦ ମସିହାରେ ତାଙ୍କ ଉତ୍ସର୍ଗୀକୃତ ସେବା ଓ ଭଲପାଇବା ପାଇଁ ଭାରତର ସବୁଠାରୁ ବଡ଼ ମର୍ଯ୍ୟାଦାଜନକ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । କେବଳ ସେତିକି ନୁହେଁ ଭାରତର ବହୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାୟତନ ତାଙ୍କୁ ସମ୍ମାନସୂଚକ ଉପାଧି ପ୍ରଦାନ କରିଥିଲେ । ଏହାର ପୂର୍ବରୁ ୧୯୭୯ ମସିହାରେ ତାଙ୍କ ସେବାପରାୟଣତା ପାଇଁ ପୃଥିବୀର ଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ସମୟରେ ସେ ଏହି ପୁରସ୍କାରରୁ ପାଇଥିବା ପନ୍ଦର ଲକ୍ଷ କୋଡିଏ ହଜାର ଟଙ୍କା ସେବାକାର୍ଯ୍ୟ ପାଇଁ ପ୍ରଦାନ କରିଦେଇଥିଲେ । ତାଙ୍କରି ଉଦ୍ୟମରେ ଭାରତରେ ବିଭିନ୍ନ ସ୍ଥାନରେ ଶହେତିନୋଟି ଦୁର୍ଗତ ଓ ଅସହାୟ ମାନଙ୍କ ପାଇଁ ଆଶ୍ରୟସ୍ଥଳ ଖୋଲାଯାଇଛି । ଯେଉଁଥିରେ ଦଶହଜାରରୁ ଉର୍ଦ୍ଧ୍ୱ ଅସହାୟ ନିପୀଡ଼ିତଙ୍କ ସେବା କରାଯାଉଛି । ଏହା ବ୍ୟତୀତ ଭାରତର ଷାଠିଏଟି ସ୍ଥାନରେ ବିଦ୍ୟାଳୟ ସ୍ଥାପନ କରି ପାଖାପାଖି ନଅ ହଜାରରୁ ଉର୍ଦ୍ଧ୍ୱର ଶିଶୁଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା ସହ ଦୁଇଶହ ତେରଟି ଚିକିତ୍ସା କେନ୍ଦ୍ରରେ ବାରହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି । କହିବାକୁଗଲେ ତାଙ୍କରି ନିଷ୍ଠାର ସଫଳତାର ସେ ଥିଲେ ଏକ ଜୀବନ୍ତ ପ୍ରତୀକ । ୧୯୧୦ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ମହୀୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖରେ ଜୀବନର ଅବସାନ ସାଧିତ ହେଲା । ତାଙ୍କର ନାମ ଆଗ୍‌ନେସନ୍ ଗୋନାସ୍କା – ଫୁଲର ପାଖୁଡ଼ା ନାମକୁ ସେ ସାର୍ଥକ କରିଛନ୍ତି । ମାନବର ବିଂଶ ଶତାବ୍ଦୀର ବିଶ୍ୱଯୁଦ୍ଧ କାଳିମାଗ୍ରସ୍ତ ଜୀବନ ତାଙ୍କର ସ୍ପର୍ଶରେ ପୂତ ପବିତ୍ର ହୋଇଛି । ତାଙ୍କର ମମତା ସ୍ନିଗ୍ଧ ପ୍ରାଣର ମହାନତାର ସିଂହାସନରେ ଅଧିଷ୍ଠିତ ହୋଇ ସେ ବିଶ୍ୱ ଜନନୀ ହୋଇଅଛନ୍ତି । ତାଙ୍କର ଜୀବନର ବାର୍ତ୍ତାଥିଲା; ସେବା ଓ ପ୍ରାର୍ଥନା ମାଧ୍ୟମରେ ମଣିଷ ପବିତ୍ର ଜୀବନଯାପନ କରିବାକୁ ସମର୍ଥ ହେବ । ସତର ବର୍ଷରେ ଭାରତରେ ପଦାର୍ପଣ କରି ସତାଅଶୀ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ସତୁରି ବର୍ଷ କାଳ ସେ ସେବାକାର୍ଯ୍ୟରେ ନିଜକୁ ସମର୍ପଣ କରି ଈଶ୍ୱରଙ୍କୁ ପ୍ରାର୍ଥନା କରି ସେ ମାନବଜାତିକୁ ଯଥାର୍ଥ ଶିକ୍ଷା ପ୍ରଦାନ କରିଛନ୍ତି । ନିଃସ୍ୱ-ନିଃସହାୟ, ନିରନ୍ନ-ନିପୀଡ଼ିତ ସେବା ଈଶ୍ୱରପ୍ରାପ୍ତିର ପାବଚ୍ଛବୋଲି ତାଙ୍କର ସମଗ୍ର ଜୀବନକାଳରେ ସେ ପ୍ରତିପାଦନ କରିଛନ୍ତି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*




# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି.....

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧ୍ୟାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।

# ବରୁଥିନି ଏକାଦଶୀ



ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ।

ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ।

ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉତ୍ତୋଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାରମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

## ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କ ଘରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର କଲୋନୀରେ ରହୁଥିବା ସାହସପୁର କଲେଜ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ଘର ଝରକା ତାଡ଼ି ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର, ଦାମି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି । ଏ ସଂପର୍କରେ ଶ୍ରୀ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରକାଶ ଯେ, ଶ୍ରୀ ମହାନ୍ତି ତାଙ୍କ ବଡ଼ଭାଉଜଙ୍କ ଦେହାନ୍ତ ହେବାରୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ । ଘରେ ତାଙ୍କ ପୁଅ, ବୋହୂ, ନାତି ଓ ସମୁଦୁଣୀ ଥିଲେ । ଅନ୍ୟ ରୁମ୍‌ରେ ପରିବାର ଲୋକେ ଶୋଇ ଯାଇଥିଲେ । ରାତି ପ୍ରାୟ ୨ଟାରେ ଚୋରମାନେ ଶ୍ରୀ ମହାନ୍ତିଙ୍କ ଘରପଛ ପାର୍ଶ୍ୱ ଝରକା ଗ୍ରିଲ୍ ତାଡ଼ି ତାଙ୍କ ରୁମ୍‌ରେ ପ୍ରବେଶ କରିଛନ୍ତି । ଉକ୍ତ ରୁମ୍‌ର ଷ୍ଟିଲ୍ ଆଲମିରାରେ ଥିବା ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରାମୁଦି, ୨ଟି ସୁନା ଚେନ୍, ୩ଟା ସୁନାମୁଦି, ଗୋଟିଏ ଆଇଫୋନ୍, ୩ଟି ମୋବାଇଲ୍ ଓ ୪୦ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ଏସବୁର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଚୋରମାନେ ଉକ୍ତ ରୁମ୍‌ର ଭିତର ପଟୁ କବାଟ ବନ୍ଦ କରି ଦେଇଥିବାବେଳେ ଘରେ ଫିଙ୍ଗା ଫୋପଡ଼ା କରିଛନ୍ତି । ଏଥିସହ ଝରକାରେ ଏକ ଲୁହା କଣ୍ଟାରେ ଇଂରାଜୀ ଅକ୍ଷରରେ କିଛି ଲେଖି ତାକୁ କାଟି ଦେଇଥିବା ବେଳେ ସିଗାରେଟ୍ ଟାଣି ଫିଙ୍ଗିଛନ୍ତି । ଶ୍ରୀ ମହାନ୍ତି ଭୋରରୁ ପୁରୀରୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାତି ୧.୫୨ରୁ ୨.୪୦ ମଧ୍ୟରେ ୩ଜଣ ଦୁର୍ବୃତ୍ତ ଏହି ଲୁଟ୍‌ପାଟ୍ କରିଥିବା ଶ୍ରୀ ମହାନ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି । ସେହିପରି ସମାନ ଢଙ୍ଗରେ ପଡୋଶୀ ବାସନ୍ତୀ ମଲ୍ଲିକଙ୍କ ଝରକା ଗ୍ରିଲ୍ ତାଡ଼ି ଚୋରମାନେ ତାଙ୍କ ଘରେ ପ୍ରବେଶ କରିଥିଲେ । ତାଙ୍କ ଘରେ କେହି ନଥିବା ବେଳେ କୌଣସି ମୂଲ୍ୟବାନ ସାମଗ୍ରୀ ନଥିବାରୁ ଚୋରମାନେ ଫିଙ୍ଗାଫୋପଡ଼ା କରି ଫେରି ଯାଇଥିବା ଜଣାପଡ଼ିଛି । ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆଣି ଘଟଣାର ଅଧିକ ତଦନ୍ତ କରାଯିବାର ପୁଲିସ୍ ସୂଚନା ଦେଇଥିଲେ । ଏହିପରି ଭାବେ ଜାରକା ଅଞ୍ଚଳରେ ଘରେ କେହି ନଥିଲେ ଝରକା ଗ୍ରିଲ୍ ତାଡ଼ି ଉକ୍ତ ଚୋରଦଳ ବାରମ୍ବାର ଲୁଟ୍‌ପାଟ୍ କରୁଥିଲେ ହେଁ, ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନାହିଁ । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରୟୋଜିତ କହିଲା କଂଗ୍ରେସ। ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି। ଏହି ବିବାଦକୁ ଏଡ଼ାଇବାକୁ ଚୁଲି ଭଙ୍ଗାଯାଇଛି। ଖନନ ନେଇ ଶାସକ ଦଳ ଲୋକସଭାରୁ ବିଧାନସଭା ଯାଏ ଅଡୁଆରେ ପଡ଼ିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ଡିଜି ଓ ମୁଖ୍ୟ ପ୍ରଶାସକ, ଯେଉଁଭଳି ଭାବେ ଶ୍ରୀମନ୍ଦିର ଗସ୍ତ କରିଥିଲେ ସେହି ତତ୍ପରତା ଦେଖାଇ ରୋଷଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦି ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟିନଥାନ୍ତା। ପୋଲିସ ଡିଜିଙ୍କ ଗସ୍ତ କେବଳ ଲୋକଦେଖାଣିଆ। ସରକାର ଏଥିପ୍ରତି ଉଦାସୀନ। ଏହି ପ୍ରସଙ୍ଗକୁ ଯେଉଁ ଭଳି ଭାବେ ଗମ୍ଭୀରତାର ସହ ନେବା କଥା, ତାକୁ ନେଇନାହାନ୍ତି। ଚୋର ଚୋରିକରି ଧନ ନେବାପରେ ଖୋଜିବା ଯାହା, ପୋଲିସ ଖୋଜିବା ସହ ତାହା ସମାନ। ସେ କହିଛନ୍ତି ଯେ ଜଗନ୍ନାଥ ହେରିଟେଜ୍ କରିଡ଼ର ଖନନ ବାବଦରେ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ବିଧାନସଭାଠୁ ସଂସଦ ଯାଏ ଅପଦସ୍ତ ହୋଇଛନ୍ତି। ବିଧାନସଭାରେ ଭୁଲ ଉତର ରଖିଛନ୍ତି ରାଜ୍ୟ ସରକାର। ତାଙ୍କର ସାଂସଦ ମଧ୍ୟ ଲୋକସଭାରେ ଭୁଲ ଉତର ରଖିଛନ୍ତି। ସାରା ରାଜ୍ୟରେ ସରକାରୀ ବାବୁ, ସରକାରୀ ସାଂସଦ, ବିଧାୟକ ଓ ସରକାର ଜନମାନସରେ ନିନ୍ଦିତ ହେଲେ। ଏପରିକି ଜଣେ ସରକାରୀ ଦଳର ସାଂସଦ ଲୋକସଭାରେ ବିବୃତି ଦେବାପରେ ବାହାରେ ଗଣମାଧ୍ୟମରେ ନିଜର ସଫେଇ ରଖିଲେ। ସେଥିପାଇଁ ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା (ପିଏନ)- ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପରାମର୍ଶ କ୍ରମେ ସ୍ଥାନୀୟ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଏକ ୮ ଦିନିଆ ଆତ୍ମରକ୍ଷା ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସୁଲେଖିକା ତଥା ଶିକ୍ଷୟିତ୍ରୀ ଉଷା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକା ମାନେ ଆତ୍ମବିଶ୍ୱାସ ଓ ନିର୍ଭୟର ସହ କାର୍ଯ୍ୟକଲେ ବାହ୍ୟ ଓ ଆଭ୍ୟନ୍ତରିଣ ପ୍ରତିବନ୍ଧକକୁ ମୁକାବିଲା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧ୍ୟାପିକା ରମାରାଣୀ ସିକ୍‌ଦାର ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଦେବାସହ ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି ମତ ଦେଇଥିଲେ। ଏଥିରେ ପ୍ରଶିକ୍ଷିକା ପୁଷ୍ପାଳି ବଳିୟାରସିଂହ ଓ ରିତା ପଶ୍ଚିମକବାଟ ପ୍ରଶିକ୍ଷାର୍ଥୀମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ କଳା ଓ କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ହେମନ୍ତ ମହାପାତ୍ର, ପ୍ରାଧ୍ୟାପିକା ଡ଼ଃ ସଂଯୁକ୍ତା ମିଶ୍ର, ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ, ଛବିରାଣୀ ସାହୁ, ଲିପିକା ପ୍ରିୟଦର୍ଶିନୀ ଓ କ୍ରୀଡ଼ା ଶିକ୍ଷକ ଭ କିଶୋର ଯତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ଜୟପ୍ରଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନୀଳଗିରିରେ ସାମ୍ବାଦିକଙ୍କୁ ଆକ୍ରମଣର ନିନ୍ଦା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର (ପିଏନ୍) : ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ଜଣେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି। ଏଥିନେଇ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକଙ୍କ ଜରିଆରେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ଦଳେଇଙ୍କୁ ପୋଲିସର ମାଡ଼ ସହିତ ଚିକିତ୍ସା ସମୟରେ ତାଙ୍କ ଗୋଡ଼ରେ ବେଡ଼ି ପକାଇ ଅମାନୁଷିକ ଭାବେ ନିର୍ଯ୍ୟାତନା ଦେବା ଘଟଣାକୁ ବିରୋଧ କରି ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ପ୍ରଣୟନ କରିବାକୁ ଦାବି କରିଛନ୍ତି। ସଂଘ ସଭାପତିର ହରିହର ସ୍ୱାଇଁ ନେତୃତ୍ୱରେ ଉପ ସଭାପତି ବାଞ୍ଛାନିଧି ସାହୁ, କାର୍ଯ୍ୟକାରି ସଭାପତି ଅଭିମନ୍ୟୁ ମିଶ୍ର, ରାଜ୍ୟ କାର୍ଯ୍ୟ କାରି ସଭାପତି ହାରାଧନ ବାନାର୍ଜି, ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ରବିନାରାୟଣ କର, ପ୍ରଶାନ୍ତ କୁମାର ପାତ୍ର, ଦିବ୍ୟ କାନ୍ତ କର, ପଦ୍ମନାଭ ବୋଇତେଇ, ପବିତ୍ର ମହାନ୍ତି, ନିତ୍ୟାନନ୍ଦ ମହାଳିକ, ମନୋଜ କୁମାର ରଣା, ଜୟନ୍ତ ଗୋସ୍ୱାମୀ, କୃଷ୍ଣଚନ୍ଦ୍ର ନାଏକ, ସତ୍ୟବ୍ରତ ନାଏକ, ଭରତ ନାଏକ, ଅଜୟ ଭୂଇଁଆ, ରାଜକିଶୋର ପଣ୍ଡା, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ଗତ ୮ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଂଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି. ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଳି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଳି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଳି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ। ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।




**2024-2025**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

